

ଛାତ୍ର/ଛାତ୍ରୀଙ୍କ ନାମ________________________________________________

ଶ୍ରେଣୀ__________________________________________________________

# କୃତଜ୍ଞତା

## ସମୀକ୍ଷକ

- ଡ. ଦୁର୍ଯ୍ୟୋଧନ ଦାଶ
- ଡ. ବିଦ୍ୟୁଲତା ମିଶ୍ର

## ଲେଖକ/ଲେଖିକା ମଣ୍ଡଳୀ ଓଡ଼ିଆ

- ପ୍ରଦୀପ୍ତ କୁମାର ମାଝୀ
- ନିଗମାନନ୍ଦ ପଣ୍ଡା

## ପ୍ରଶାସନିକ ପରାମର୍ଶଦାତା

ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ (ଭା.ପ୍ର.ସେ)

ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା

## ଶୈକ୍ଷିକ ପରାମର୍ଶଦାତା

ଶ୍ରୀ ସୂର୍ଯ୍ୟ ନାରାୟଣ ମିଶ୍ର, ଓ.ଶି.ସେ

ଯୁଗ୍ମ ନିର୍ଦ୍ଦେଶକ, ଓସେପା

## ସହାୟତା

ଶ୍ରୀମତୀ ମିତାଲୀ ପାତ୍ର

ଶ୍ରୀମତୀ ଜୟା ବାନାର୍ଜୀ

## ବୈଷୟିକ ସହାୟତା

ଭବାନୀ ପ୍ରଧାନ

ପୁଷ୍ପାଞ୍ଜଳି ପୃଷ୍ଟି

# ସୂଚୀପତ୍ର

## ଉତ୍‌ଥାନ (ଓଡ଼ିଆ) - ଷଷ୍ଠ ଶ୍ରେଣୀ


| ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ରମ ସଂଖ୍ୟା | ଶ୍ରେଣୀ ପାଠ୍ୟ ପୁସ୍ତକ ସଂପର୍କିତ ପ୍ରସଙ୍ଗ |
|---|---|---|
| ଶୁଣିଥିବା କଥା କିମ୍ବା ନିଜ ମନ କଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ । | ୧, ୨, ୩, ୪, ୫, ୬, ୭ | - |
| ଭିନ୍ନଭିନ୍ନ ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦଗୁଡ଼ିକୁ ବୁଝି ସେଗୁଡିକୁ ଲେଖାରେ ବ୍ୟବହାର କରିବ । | ୮, ୯ | - |
| ବିଭିନ୍ନ ବିଷୟରେ ବିଭିନ୍ନ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଶବ୍ଦ, ବାକ୍ୟର ସଂରଚନା ଆଦିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବ । | ୧୦, ୧୧, ୧୨, ୧୩, ୧୪, ୧୫, ୧୬ | - |
| ଉଦ୍ଦେଶ୍ୟ ଓ ବିଷୟବସ୍ତୁ ଅନୁସାରେ ଶବ୍ଦ, ବାକ୍ୟ, ବିରାମ ଚିହ୍ନର ଉଚିତ୍ ବ୍ୟବହାର କରି ଲେଖିବ । | ୧୭, ୧୮ | - |
| ଗପ, କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବ ଓ ସେଥିରେ ନିଜ ଗପ, କଥାକୁ ଯୋଡ଼ିବ । | ୧୯, ୨୦, ୨୧ | - |
| ଆକଳନ - ୧ | ୨୨ | - |
| ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢ଼ାଇ ଲେଖିବ । | ୨୩, ୨୪, ୨୫, ୨୬, ୨୭, ୨୮, ୨୯, ୩୦, ୩୧ | - |
| ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜ ଭାଷା ତିଆରି କରିବ ଓ ଏହାକୁ ବ୍ୟବହାର କରିବ । | ୩୨ | - |
| ଭାଷାର ଗୁଣାତ୍ମକତା ପ୍ରତି ଦୃଷ୍ଟି ଦେଇ ନିଜ ଭାଷା ଗଢ଼ିବ ଓ ସେଗୁଡ଼ିକୁ ନିଜ ଲିଖନରେ ସାମିଲ କରିବ । | ୩୩, ୩୪, ୩୫, ୩୬ | - |

| ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ରମ ସଂଖ୍ୟା | ଶ୍ରେଣୀ ପାଠ୍ୟ ପୁସ୍ତକ ସଂପର୍କିତ ପ୍ରସଙ୍ଗ |
|---|---|---|
| ଭିନ୍ନଭିନ୍ନ ପ୍ରକାର ବିଷୟ ବସ୍ତୁରେ ଆସୁଥିବା ନୂଆ ଶବ୍ଦକୁ ବୁଝି ତାହାର ଅର୍ଥ ବାହାର କରିବ । | ୩୭, ୩୮ | - |
| ଭାଷାରେ ବ୍ୟାକରଣକୁ (ଯେପରି କାରକ, କର୍ତ୍ତା, କ୍ରିୟା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ । | ୩୯, ୪୦, ୪୧ | - |
| ଆକଳନ - ୨ | ୪୨ | - |
| ଶୁଣିଥିବା କଥା କିମ୍ବା ନିଜ ମନ କଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ । | ୧ | ଦେଶପ୍ରେମୀ କଏଦୀ, କିଏ ଭାସେ କିଏ ବୁଡ଼େ । |
| ବିଭିନ୍ନ ବିଷୟରେ ବିଭିନ୍ନ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଶବ୍ଦ ବାକ୍ୟର ସଂରଚନା ଆଦିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବ । | ୨ | ବର୍ଷା, ମୋ ଜୀବନର ଅଭୁଲା କଥା । |
| ଗପ କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବ ଓ ସେଥିରେ ନିଜ ଗପ, କଥାକୁ ଯୋଡ଼ିବ । | ୩, ୪ | ଜନ୍ମଭୂମି, ଶରତ-ନଈ-କୂଳେ, ଧୂଳି । |
| ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢ଼ାଇ ଲେଖିବ । | ୫, ୬, ୭, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୭ | ବନବାଣୀ, ବୃକ୍ଷଲତା ଆମ ବନ୍ଧୁ, ନ୍ୟାୟ ବିଚାର, କ'ଣ ଶିଖିବା, ଅଲିମ୍ପିକ କ୍ରୀଡ଼ା, ସଡକ ସୁରକ୍ଷା ଜୀବନ ରକ୍ଷା, ଓଡ଼ିଶାର ସଂସ୍କୃତି, ଦେଶପ୍ରେମୀ କଏଦୀ, କିଏ ଭାସେ କିଏ ବୁଡ଼େ, ବିଶ୍ୱ ବିଜୟୀ ବିବେକାନନ୍ଦ |

| ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ରମ ସଂଖ୍ୟା | ଶ୍ରେଣୀ ପାଠ୍ୟ ପୁସ୍ତକ ସଂପର୍କିତ ପ୍ରସଙ୍ଗ |
|---|---|---|
| ଆକଳନ - ୩ | ୮ | - |
| ଆକଳନ - ୪ | ୧୮ | - |
| ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜ ଭାଷା ତିଆରି କରିବ ଓ ଏହାକୁ ବ୍ୟବହାର କରିବ । | ୧୯, ୨୦, ୨୧, ୨୨, ୨୩, ୨୪ | ମୋ ଜୀବନର ଅଭୁଲା କଥା, କିଏ ଭାସେ କିଏ ବୁଡ଼େ, ଅଲିମ୍ପିକ କ୍ରୀଡ଼ା, ଓଡ଼ିଶାର ସଂସ୍କୃତି, ବୃକ୍ଷଲତା ଆମର ବଂଧୁ, ସଡ଼କ ସୁରକ୍ଷା ଜୀବନ ରକ୍ଷା |
| ଆକଳନ - ୫ | ୨୬ | - |
| ଭିନ୍ନଭିନ୍ନ ପ୍ରକାର ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦକୁ ବୁଝି ତାହାର ଅର୍ଥ ବାହାର କରିବ । | ୨୫, ୨୭, ୨୮ | ରାଜୋଚିତ ବ୍ୟବହାର, ବର୍ଷା, ଅଲିମ୍ପିକ କ୍ରୀଡ଼ା |
| ଭାଷାରେ ବ୍ୟାକରଣକୁ (ଯେପରି କାରକ, କର୍ତ୍ତା, କ୍ରିୟା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ । | ୨୯, ୩୦, ୩୧, ୩୨, ୩୩ | ବିଶ୍ୱ ବିଜୟୀ ବିବେକାନନ୍ଦ, କ'ଣ ଶିଖିବା, ସଡକ ସୁରକ୍ଷା ଜୀବନ ରକ୍ଷା |
| ଆକଳନ - ୬ | ୩୪ | - |

# କାର୍ଯ୍ୟଫର୍ଦ୍ଦ - ୧

**ଶିକ୍ଷଣ ଫଳାଫଳ :-**

**ଶୁଣିଥିବା କଥା କିମ୍ବା ନିଜ ମନ କଥାକୁ ନିଜ ଶୈଳୀରେ ଭିନ୍ନ ଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।**

## (କ) ତଳ ଅନୁଚ୍ଛେଦଟି ପଢ଼।

ଖେଳ ପଡ଼ିଆ ପାଖରେ ବରଗଛଟିଏ। ଗଛରେ ଅନେକ ରକମର ପଶୁପକ୍ଷୀ ରହୁଥିଲେ। ଦିନେ ଉପରବେଳା, କୈଳାସ ଓ ଚୂଡ଼ାମଣି ପଡ଼ିଆରେ ଖେଳୁଥିଲେ। ଦେଖିଲେ, ଦଳେ ଲୋକ କୁରାଢ଼ି ଧରି ଆସି ବରଗଛକୁ କାଟିବାକୁ ବସିଲେ। ପିଲାଦୁହେଁ ଗଛର ଉପକାରିତା ବିଷୟରେ ବୁଝାଇ ଗଛ ନ କାଟିବାକୁ କହିଲେ। ଲୋକେ ବୁଝିଲେ ଯେ- ଗଛ ଆମର ଅତି ଉପକାରୀ। ସେମାନେ ଗଛର କୌଣସି କ୍ଷତି ନ କରି ଫେରିଗଲେ।

## (ଖ) ଉଦାହରଣ ଅନୁଯାୟୀ ସାରଣୀ ପୂରଣ କରିବା।

| | (ା)- ଆକାର | (ି)ଇ-କାର | (ୀ) ଈ-କାର | (ୁ)ଉ-କାର | (ୂ)ଊ-କାର | (ୃ)ଋ-କାର | (େ) ଏ-କାର | (ୈ) ଐ-କାର | (ୋ)ଓ-କାର | (ୌ)ଔ-କାର |
|---|---|---|---|---|---|---|---|---|---|---|
| କ | କା | କି | କୀ | କୁ | କୂ | କୃ | କେ | କୈ | କୋ | କୌ |
| ଖ | | | | | | | | | | |
| ଗ | | | | | | | | | | |
| ଘ | | | | | | | | | | |
| ଚ | | | | | | | | | | |
| ଛ | | | | | | | | | | |

**ଶିକ୍ଷକଙ୍କପାଇଁ ସୂଚନା**

ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୧ ଠାରୁ ୭ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ଆଦର୍ଶ ଉଚ୍ଚପଠନ କରିବେ ।
ବନାନ ଅନୁଯାୟୀ ଉଚ୍ଚାରଣ, ଶୁଦ୍ଧ ଓ ସ୍ୱଷ୍ଟ ପଠନ ପ୍ରତି ଧ୍ୟାନ ଦେବେ । ପିଲାଯେପରି ଶବ୍ଦ ଓ ବାକ୍ୟଗୁଡ଼ିକୁ କହିବ, ପଢ଼ିବ, ଲେଖିବ ସେଥିପ୍ରତି ଦୃଷ୍ଟି ଦେବେ । ଆବଶ୍ୟକ ଉପକରଣ ରୂପେ ଶିକ୍ଷକ କାର୍ଯ୍ୟଫର୍ଦ୍ଦ, ଶବ୍ଦକାର୍ଡ, ଫ୍ଲାସ୍‌କାର୍ଡ, ଚିତ୍ରକାର୍ଡ, ବ୍ୟବହାର କରିବେ ।

**(ଗ) ନିମ୍ନ ମାତ୍ରାଯୁକ୍ତ ୨ଟି ଲେଖାଏଁ ଶବ୍ଦ ଲେଖ।**

‘ ା ’ ଆ କାର-.................................. ......................................

‘ ି’ ଇ କାର - .................................. ......................................

‘ ୀ ’ ଈ କାର- .................................. ......................................

‘ ୁ ’ ଉ କାର- .................................. ......................................

‘ ୂ ’ ଊ କାର-.................................. ......................................

‘ େ ’ ଏ କାର- .................................. ......................................

‘ ୋ ’ ଓ କାର- .................................. ......................................

‘ ୈ ’ ଐ କାର- .............................. ......................................

**(ଘ) ତଳେ ଦିଆଯାଇଥିବା ଐକାର ଯୁକ୍ତ ଶବ୍ଦ ଗୁଡ଼ିକୁ ଦେଖି ଲେଖ।**

କୈଳାଶ ବୈରାଗୀ ଗୈରିକ ଶୈବାଳ ବୈଶାଖ

......... ......... ........ ......... .........

......... ......... ........ ......... .........

**(ଙ) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ ଠିକ୍ ବନାନ ଥିବା ଶବ୍ଦଟିକୁ ଗୋଲ ବୁଲାଅ।**

ଗୀତ-ଗିତ, ମୂଷା-ମୁଷା ବିର-ବୀର କୀଟ-କିଟ ମୁଳା-ମୂଳା

# କାର୍ଯ୍ୟଫର୍ଦ୍ଦ - ୨

**ଶିକ୍ଷଣ ଫଳାଫଳ :-**

**ଶୁଣିଥିବା କଥା କିମ୍ବା ନିଜ ମନ କଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।**

- ସାରଣୀରେ ଥିବା ଅକ୍ଷରକୁ ନେଇ କେତୋଟି ପରିବା ଓ ପଶୁର ନାମ ସାରଣୀ ତଳେ ଥିବା ଖାଲି ଜାଗାରେ ଲେଖ ।

| | | | | | |
|---|---|---|---|---|---|
| ଆ | ଆ | ବା | ଆ | ଆ | ଆ |
| ଳୁ | ଡ଼ା | ବି | ଲେ | ଇ | ପ |
| ମୂ | ଳା | ହା | ଡୀ | ଗ | ଧ |
| ମ | କା | ହା | ଗ | ଦ | ଆ |
| କୁ | କୁ | ର | ସା | ରୁ | ଉ |
| ଗା | ଜ | ର | ପ | ଣ | ସ |

............................ ............................ ............................

............................ ............................ ............................

............................ ............................ ............................

............................ ............................ ............................

............................ ............................ ............................

............................ ............................ ............................

............................ ............................ ............................

............................ ............................ ............................

............................ ............................ ............................

# କାର୍ଯ୍ୟଫର୍ଦ୍ଦ - ୫

**ଶିକ୍ଷଣ ଫଳାଫଳ :-**

ଶୁଣିଥିବା କଥା କିମ୍ବା ନିଜ ମନ କଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।



.......................................

.....................................





...........................................

................................................





...............................................

- ଉପର ଚିତ୍ରଗୁଡ଼ିକ ବିଷୟରେ ଗୋଟିଏ ଲେଖାଏଁ ବାକ୍ୟ ଲେଖ ।

## କାର୍ଯ୍ୟଫର୍ଦ୍ଦ - ୩

**ଶିକ୍ଷଣ ଫଳାଫଳ :-**

**ଶୁଣିଥିବା କଥା କିମ୍ବା ନିଜ ମନ କଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।**

**ଆସ ଶବ୍ଦଗୁଡ଼ିକ ପଢିବା ଓ ଉଦାହରଣ ଅନୁସାରେ ଶବ୍ଦ ଲେଖିବା ।**

ଜାହାଜ ଜଟ - ଟଗର - ରକତ - ତରାଜୁ - ଜାପାନ ----- ----- ----- -----

ଖଜା ----- ----- ----- ----- ବଜାର ---- ----- ----- ------

ସ୍ୱାଧୀନ ----- ----- ----- ----- ଦୁଆିତ ---- ----- ----- ------

ଖବର କାଗଜ ----- ----- ----- ----- କାନ ---- ----- ----- ------

ରାଣୀ ----- ----- ----- ----- ତାରା ---- ----- ----- ------

ହାତୀ ----- ----- ----- -----

ଲୁଣ ----- ----- ----- -----

ଆଖିପତା ----- ----- ----- -----

ତାରା ----- ----- ----- -----

ମାରିବା ----- ----- ----- -----

# କାର୍ଯ୍ୟପର୍ଦ୍ଦ - ୪

**ଶିକ୍ଷଣ ଫଳାଫଳ :-**

ଶୁଣିଥିବା କଥା କିମ୍ବା ନିଜ ମନ କଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।

**ଆସ ନିମ୍ନଲିଖିତ ଅକ୍ଷର ଓ ମାତ୍ରାକୁ ନେଇ ଶବ୍ଦ ଗଢ଼ିବା**

| ଅକ୍ଷର | ମାତ୍ରା | ଶବ୍ଦ |
|---|---|---|
| କଉ | ଆ'କାର | କାଉ |
| ପର | ଆ'କାର | ......... |
| ଚକ | ଇ କାର | ......... |
| ନର | ଈ' କାର | ......... |
| ଚଳ | ଉ' କାର | ......... |
| ମଳା | ଊ କାର | ......... |
| ମଗ | ଋ କାର | ......... |

**ଅକ୍ଷରଗୁଡ଼ିକରେ ମାତ୍ରା ଯୋଗ କରି ଶବ୍ଦ ଲେଖ ।**

| | | | | |
|---|---|---|---|---|
| **ଯେପରି** | କ- କାଠ | ସ ......... | ଦ ......... | ଶ ......... |
| | ମ- | ଯ ......... | ଜ ......... | ଦ ......... |
| | ହ | ର ......... | ଲ ......... | ସ ......... |

## କାର୍ଯ୍ୟଫର୍ଦ୍ଦ - ୮

**ଶିକ୍ଷଣ ଫଳାଫଳ :-**

**ଭିନ୍ନଭିନ୍ନ ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦଗୁଡ଼ିକୁ ବୁଝି ସେଗୁଡ଼ିକୁ ଲେଖାରେ ବ୍ୟବହାର କରିବ ।**

### (କ) ଆସ ପଢ଼ିବା ।

ଆମ ରାଜ୍ୟରେ ପ୍ରତିବର୍ଷ "ସୁରଭି" କାର୍ଯ୍ୟକ୍ରମ ହୁଏ। ପ୍ରତିଭାର ଅନ୍ୱେଷଣ ଏହାର ମୂଳ ଲକ୍ଷ୍ୟ ଅଟେ। ଏଥିପାଇଁ ପ୍ରଥମେ ବ୍ଲକ ଓ ଜିଲ୍ଲା ସ୍ତରରେ ବିଭିନ୍ନ ପ୍ରତିଯୋଗିତା ହୋଇଥାଏ। ପ୍ରତି ଜିଲ୍ଲାରୁ ଯୋଗ୍ୟ ପ୍ରତିଯୋଗୀ ରାଜ୍ୟସ୍ତରରେ ଭାଗ ନେବାପାଇଁ ଭୁବନେଶ୍ୱର ଆସନ୍ତି। ଏଠାରେ ତିନି ଦିନ ଧରି କାର୍ଯ୍ୟକ୍ରମ ଚାଲେ। ଶେଷଦିନରେ କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ଦିଆଯାଇଥାଏ।

### (ଖ) ନିମ୍ନ ଶବ୍ଦଗୁଡିକୁ ଦେଖି ଲେଖ।

| | |
|---|---|
| ପଦ୍ମ- | ଶୁକ୍ଳ- |
| ମଲ୍ଲ- | ସର୍ପ- |
| ଜନ୍ମ- | ଅମ୍ଳ- |
| ପଲ୍ଲୀ- | ପର୍ବତ- |

### (ଗ) ଉଭୟ କୋଠରିରୁ ଗୋଟିଏ ଲେଖାଏଁ ଅକ୍ଷର ନେଇ ଶବ୍ଦ ଗଢ।

| ଜ, ଗ, ଶୁ, ମ, ସ, ବି, ର, ପ | ଦ୍ୟ, କ୍ଳ, ନ୍ମ, ଶ୍ୱ, ଲ୍ଲ, ତ୍ର, ର୍ପ |
|---|---|
| ---------------------- | ---------------------- |
| ---------------------- | ---------------------- |
| ---------------------- | ---------------------- |
| ---------------------- | ---------------------- |

**ଶିକ୍ଷକଙ୍କପାଇଁ ସୂଚନା**

ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୮ ଠାରୁ ୯ ପର୍ଯ୍ୟନ୍ତ ଆଦର୍ଶ ଉଚ୍ଚପଠନ କରାଇବା ସହିତ ଫଳାଯୁକ୍ତ ଶବ୍ଦ ଗୁଡିକୁ ବନାନ ଅନୁଯାୟୀ ଉଚ୍ଚାରଣ, ଶୁଦ୍ଧ ଓ ସ୍ୱଷ୍ଟ ପଠନ ପ୍ରତି ଧ୍ୟାନ ଦେବେ । ପିଲାଙ୍କୁ ଫଳାଯୁକ୍ତ ଶବ୍ଦ, ବାକ୍ୟ କହିବା,ପଢିବା ଓ ଲେଖିବା ସହ ସଂଶୋଧନ ପ୍ରତି ଧ୍ୟାନ ଦେବେ । ଉପକରଣ ଭାବେ ଶବ୍ଦ ସାରଣୀ, ଶବ୍ଦକାର୍ଡ, ଫ୍ଲାସ୍‌କାର୍ଡ, ଚିତ୍ରକାର୍ଡ, ବ୍ୟବହାର କରିବେ ।
ପ୍ରତ୍ୟେକ ପିଲା ଫଳାଯୁକ୍ତ ଶବ୍ଦ ଓ ବାକ୍ୟ ଶୁଦ୍ଧିଭାବେ କହିବ, ପଢିବ ଓ ଲେଖିବ ।

# କାର୍ଯ୍ୟଫର୍ଦ୍ଦ - ୧୦

**ଶିକ୍ଷଣ ଫଳାଫଳ :-**

**ବିଭିନ୍ନ ବିଷୟରେ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଲେଖିବା ସମୟରେ ଶବ୍ଦ, ବାକ୍ୟର ସଂରଚନା ଆଦିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବ ।**

**(କ) ଆସ, ବାକ୍ୟଗୁଡିକୁ ପଢ଼ିବା ।**

ମୋହନ ବଗିଚାକୁ ଗଲା ।
କାଲି ରାକ୍ଷୀ ପୂର୍ଣ୍ଣିମା ଥିଲା ।
ରାମ ମାଠିଆ ତିଆରି କରୁଥିଲା ।
ସିଏ ଘରେ ଥିଲା ।
ବାଦଲ ଗର୍ଜନ କରୁଅଛି ।
ଆଜି ମୁଁ ବଜାରରେ ହାତୀ ଦେଖିଲି ।
ଆଜାଦ୍ ଏକ କାହାଣୀ ଲେଖିଲା ।
ତୁମେ ବଜାରକୁ ଯାଅ ।
ମୀନା ଆମକୁ ଭୋଜି ଦେଲା ।
ତୁମର ନାମ ଅନିଲ୍ ।
ମୁଁ ଲାଲ୍‌କିଲ୍ଲା ଦେଖିଛି ।
କାଲି ବରଷା ହୋଇଥିଲା ।
ବୁଢିଆଣୀ ଜାଲ ବୁଣୁଛି ।
ସୋହନ ବଜାର ଗଲା ।

**(ଖ) ବାକ୍ୟରେ ଥିବା ଶୂନ୍ୟସ୍ଥାନ ପୂରଣ କର ।**

କାଲି ରାକ୍ଷୀ........... ଥିଲା ।

ବାଦଲ............କରୁଅଛି ।

ମୁଁ ବଜାରରେ ............ ଦେଖିଲି ।

ମୁଁ..............ଦେଖିଛି ।

**(ଗ) ଉପର ବାକ୍ୟଗୁଡ଼ିକରେ କାମକୁ ବୁଝାଉଥିବା ଶବ୍ଦଗୁଡ଼ିକୁ ବାଛି ଲେଖ ।**

................ ............. ............. .............

................ ............. ............. ............

................ ............ ............ ............

## ଶିକ୍ଷକଙ୍କପାଇଁ ସୂଚନା

- ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୧୦ ଠାରୁ ୧୬ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକର ଆଦର୍ଶ ପଠନ କରିବେ । ବନାନ ଅନୁଯାୟୀ ଉଚ୍ଚାରଣ, ଶୁଦ୍ଧ ଓ ସ୍ପଷ୍ଟ ପଠନ କରିବେ । ଶବ୍ଦ ଓ ବାକ୍ୟ ଲିଖନ ସମୟରେ ଦୁଇଟି ଅକ୍ଷର, ଶବ୍ଦଶବ୍ଦ, ଧାଡ଼ିଧାଡ଼ି ମଧ୍ୟରେ ଉପଯୁକ୍ତ ବ୍ୟବଧାନ ରଖିବେ ।
- ଉପକରଣ ଭାବେ ବିଭିନ୍ନ ଶିଶୁ ପତ୍ରିକା ପଠନ ସହିତ ସହଜ ଉପଲବ୍ଧ ପୁସ୍ତକକୁ ବ୍ୟବହାର କରିବେ ।
- ପିଲାମାନେ ଫଳୀ ଓ ଯୁକ୍ତାକ୍ଷରଯୁକ୍ତ ଶବ୍ଦ ନେଇ ବାକ୍ୟ ଗଠନ କରିବେ ଏବଂ ସେଗୁଡ଼ିକୁ କହିବେ, ପଢ଼ିବେ, ଲେଖିବେ ।

# କାର୍ଯ୍ୟପତ୍ର - ୧୧

**ଶିକ୍ଷଣ ଫଳାଫଳ :-**

ବିଭିନ୍ନ ବିଷୟରେ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଲେଖିବା ସମୟରେ ଶବ୍ଦ, ବାକ୍ୟର ସଂରଚନା ଆଦିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବ ।

**ଆସ, ଚିତ୍ର ଦେଖି ବାକ୍ୟ ପୂରଣ କରିବା :-**



ସୀତା ..................... ଆଣିଲା ।



ତୁମେ..................... ଖାଅ ।



..........................ଜଙ୍ଗଲକୁ ଗଲା ।



ମୋହନ..........................ନେଇକରି ଆସିଲା ।



ଅଜୟ............................ରେ ଗଲା ।



............................ଖଟା ଲାଗିଥାଏ ।

# କାର୍ଯ୍ୟଫର୍ଦ୍ଦ - ୭

**ଶିକ୍ଷଣ ଫଳାଫଳ :-**

ଶୁଣିଥିବା କଥା କିମ୍ବା ନିଜ ମନ କଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।

ଆସ, ଶବ୍ଦଗୁଡ଼ିକ ସଜାଡ଼ି ବାକ୍ୟ ଗଢ଼ିବା ।

ନାଚୁଥିଲା / ଜଙ୍ଗଲରେ/ ମୟୂର

..............................................................................................

..............................................................................................

ଦୌଡୁଛି / ଘୋଡ଼ା

..............................................................................................

..............................................................................................

ମୋର / ଏହି / ପେନ୍‌ସିଲଟି

..............................................................................................

..............................................................................................

ଘାସ / ଗାଈ / ଖାଏ

..............................................................................................

..............................................................................................

ଫଳ/ ବଜାରରୁ /ମୋହନ / ଆଣିଲା

..............................................................................................

..............................................................................................

ମାଠିଆରୁ / କାଉ / ପାଣି / ପିଇଲା

..............................................................................................

..............................................................................................

# କାର୍ଯ୍ୟପର୍ଦ୍ଧ - ୧୭

**ଶିକ୍ଷଣ ଫଳାଫଳ :-**

ଉଦ୍ଦେଶ୍ୟ ଓ ବିଷୟବସ୍ତୁ ଅନୁସାରେ ଶବ୍ଦ, ବାକ୍ୟ, ବିରାମ ଚିହ୍ନର ଉଚିତ ବ୍ୟବହାର କରି ଲେଖିବେ ।

(ଶିକ୍ଷକ ନିଜ ମନରୁ ମାତ୍ରା / ଫଳା ଯୁକ୍ତ କେତେକ ବାକ୍ୟ ଶ୍ରୁତଲିଖନ ଡାକିବେ ।)

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

**ଶିକ୍ଷକଙ୍କପାଇଁ ସୂଚନା**

ଶିକ୍ଷକ କାର୍ଯ୍ୟପର୍ଦ୍ଧ ୧୭ ଓ ୧୮ରେ ପିଲାଙ୍କୁ ଶୁଦ୍ଧ ଉଚ୍ଚାରଣ ସହ ଫଳା ଓ ଯୁକ୍ତାକ୍ଷର ଯୁକ୍ତ ଶବ୍ଦ ଡାକିବେ ।
ପିଲାମାନେ ଏକାଗ୍ରତାର ସହିତ ଶୁଣି ସ୍ୱଷ୍ଟ ଅକ୍ଷର ଓ ବନାନ ଶୁଦ୍ଧ କରି ଲେଖିବା ଉପରେ ଗୁରୁତ୍ୱ ଦେବେ ।
ଉପକରଣ ଭାବେ ଶିକ୍ଷକ ବିଭିନ୍ନ ଶିଶୁ ପତ୍ରିକା, ପାଠ୍ୟ ପୁସ୍ତକ ସମ୍ବାଦ ପତ୍ର ବ୍ୟବହାର କରିବେ ।
ପିଲାମାନେ ଶିକ୍ଷରଣଙ୍କଠାରୁ ଶୁଣି ଶୁଦ୍ଧ, ସ୍ୱଷ୍ଟ ଫଳା ଓ ଯୁକ୍ତାକ୍ଷର ଯୁକ୍ତ ଶବ୍ଦ କହିବେ, ପଢିବେ ଓ ଲେଖିବେ ।

# କାର୍ଯ୍ୟପତ୍ର - ୧୨

**ଶିକ୍ଷଣ ଫଳାଫଳ :-**

ବିଭିନ୍ନ ବିଷୟରେ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଲେଖିବା ସମୟରେ ଶବ୍ଦ, ବାକ୍ୟର ସଂରଚନା ଆଦିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବ ।

- କୋଠରି ଭିତରୁ ଅକ୍ଷର ନେଇ ଶବ୍ଦ ଗଠନ କର ଓ ଏହି ଶବ୍ଦମାନଙ୍କୁ ନେଇ ଗୋଟିଏ ଲେଖାଏଁ ବାକ୍ୟ ଲେଖ ।

| | | | | |
|---|---|---|---|---|
| ହା | ଣ୍ଡି | ନି | ଅ | ଡି |
| ଗ | କ | ଡ | ଭେ | ଡୁ |
| ବେ | ଲ | ଐ | ତ | ରୁ |
| ଡା | ଚି | ଙ୍ଗି | ହ | ତୀ |
| ସିଂ | ର | ଆ | ଆଁ | ଟା |

**ଶବ୍ଦ**

.................. , ................., ................... , ...................,

.................. , ................., ................... , ...................

**ବାକ୍ୟ ଲେଖ**

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

- ତଳେ ଲେଖାଯାଇଥିବା ଶବ୍ଦକୁ ସଜାଡ଼ି ପାଖ ଘରେ ଲେଖ ।

ଖବୈଶା- ..........

ଲଥନ୍ତ- ..........

ତଯକ୍ତୃ- ..........

ନ୍ତୋଷସ- ..........

ଜମ୍ଭୁଗ- ..........

ରସମ୍ଧ- ..........

ନିକଦେି- ..........

ଲିଗଣ୍ତି- ..........

ଣ୍ଡଣଲ- ..........

- ଉପର ଶବ୍ଦଗୁଡିକୁ ନେଇ ଗୋଟିଏ ଲେଖାଏଁ ବାକ୍ୟ ଲେଖ ।

..........

..........

..........

..........

..........

..........

..........

..........

..........

..........

# କାର୍ଯ୍ୟଫର୍ଦ୍ଦ - ୯

**ଶିକ୍ଷଣ ଫଳାଫଳ :-**

**ଭିନ୍ନଭିନ୍ନ ବିଷୟ ବସ୍ତୁରେ ଆସୁଥିବା ନୂଆ ଶବ୍ଦଗୁଡିକୁ ବୁଝି ସେଗୁଡିକୁ ଲେଖାରେ ବ୍ୟବହାର କରିବ ।**

- **ଆସ ସଜାଡ଼ି ଲେଖିବା ।**

| ନଗ୍ରବହ | ଅରଷ୍ଟତ୍ନ | ପଫୁଦ୍ମଳ | ର୍ପସ | ଶ୍ୱଅ | ଦ୍ୟବା |
|---|---|---|---|---|---|
| | | | | | |

ଯ-ଫଳା ଦେଇ ଶବ୍ଦ ଗଢ଼ିବା

| ବାଦ | ପଦ | ସହ | ବାହ | ବିଦାଳୟ | ଗଦ |
|---|---|---|---|---|---|
| | | | | | |

ର-ଫଳା ଦେଇ ଶବ୍ଦ ଗଢ଼ିବା

| ଗହ | ପତ | ବକ | ବତ | ଦବ୍ୟ | ପଶ୍ନ | ଚକ |
|---|---|---|---|---|---|---|
| | | | | | | |

ଳ-ଫଳା ଓ ଲ-ଫଳା ଦେଇ ଶବ୍ଦ ଗଢ଼ିବା

| କେଶ | ଶୁକପକ୍ଷ | ମଳୀ | ବକ୍ | ମାନ | ଜିଲା |
|---|---|---|---|---|---|
| | | | | | |

ମ ଫଳା ଓ ନ ଫଳା ଦେଇ ଶବ୍ଦ ଗଢ଼ିବା

| ପଦ | ଯତ | ଜନ | ଛଦବେଶ | ଅନ | ସାନ |
|---|---|---|---|---|---|
| | | | | | |

ରେଫ ଦେଇ ଶବ୍ଦ ଗଢ଼ିବା ।

| ସପ | ଚମ | ସବତ | ଦପଣ | ଗବ | କମ |
|---|---|---|---|---|---|
| | | | | | |

## କାର୍ଯ୍ୟପତ୍ର - ୧୩

**ଶିକ୍ଷଣ ଫଳାଫଳ :-**

**ବିଭିନ୍ନ ବିଷୟରେ ବିଭିନ୍ନ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଶବ୍ଦ, ବାକ୍ୟର ସଂରଚନା ଆଦିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବ ।**

- **ଆସ, ନିମ୍ନଲିଖିତ ଶବ୍ଦକୁ ବାକ୍ୟରେ ବ୍ୟବହାର କରିବା ।**

ଘୋଡ଼ା.............................................................................

ଜଙ୍ଗଲ.............................................................................

ବଜାର.............................................................................

ବିବାହ.............................................................................

ମେଳା.............................................................................

ଘର.............................................................................

ହାତୀ.............................................................................

ଚପଲ.............................................................................

## କାର୍ଯ୍ୟଫର୍ଦ୍ଦ - ୩୩

**ଶିକ୍ଷଣ ଫଳାଫଳ :-**

**ଭାଷାର ଗୁଣାତ୍ମକପ୍ରତି ଦୃଷ୍ଟି ଦେଇ ନିଜ ଭାଷା ଗଢ଼ିବ ଓ ସେଗୁଡ଼ିକ ନିଜ ଲିଖନରେ ସାମିଲ କରିବ ।**

### ଆସ ପଢ଼ିବା ଏବଂ ଗପଟିକୁ ଆଗେଇ ନେବା

ଏକ ଛୋଟ ମାଛ ଥିଲା । ସେ ଏଠିସେଠି ଖେଳୁଥିଲା । କେବେ ପାଣିରୁ ଡେଇଁ ମାଟି ଉପରକୁ ଚାଲିଆସେ । କେବେକେବେ ପାଣି ତଳକୁ ଯାଇ ଖାଦ୍ୟ ଖାଏ । ବେଳେବେଳେ ସାଙ୍ଗ ସହିତ ନାଚେ ଓ ଗୀତ ଗାଏ । ସେ କେବେ ଥକି ପଡ଼େନା । ସେ ଏମିତି ଖେଳି ଚାଲିଥାଏ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

### ଶିକ୍ଷକଙ୍କପାଇଁ ସୂଚନା

ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୩୩ ଠାରୁ ୩୬ ପର୍ଯ୍ୟନ୍ତ ଥିବା ଗଳ୍ପ ଓ ଚିତ୍ରର ପଠନ କରିବେ । ଚିତ୍ର ଓ ଗଳ୍ପ ସଂପର୍କରେ ପିଲାଙ୍କ ସହିତ ଆଲୋଚନା କରିବେ । ଚିତ୍ର ଓ ଗଳ୍ପ ସମ୍ପର୍କିତ କେତୋଟି ବାକ୍ୟ କହିବା ପରେ ଏହାକୁ ଆଗେଇ ନେବାକୁ ପିଲାଙ୍କୁ ଆହ୍ୱାନ ଦେବେ । ଉପକରଣଭାବେ ବିଭିନ୍ନ ଅନୁଚ୍ଛେଦ, ଗଳ୍ପ ଓ ଚିତ୍ର ସଂଗ୍ରହକରି ବ୍ୟବହାର କରିବେ । ପିଲାମାନେ ଚିତ୍ର ବର୍ଣ୍ଣନା କରିବେ ଗଳ୍ପକୁ ଆଗେଇ ନେବେ, କହିବେ ଓ ଲେଖିବେ ।

# କାର୍ଯ୍ୟଫର୍ଦ୍ଦ - ୧୪

**ଶିକ୍ଷଣ ଫଳାଫଳ :-**

ବିଭିନ୍ନ ବିଷୟରେ ବିଭିନ୍ନ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଶବ୍ଦ, ବାକ୍ୟର ସଂରଚନା ଆଦିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବ ।

**ଆସ ନିମ୍ନ ଶବ୍ଦ ଗୁଡ଼ିକୁ ନେଇ ବାକ୍ୟ ଗଠନ କରି ଲେଖିବା**

କାଉ, କାଠ, ଚିଲ, କିଆ, ଦୀପ, ବୀର, କୁକୁର, ଫୁଲ, କୂପ, ଧୂପ, ବୃକ୍ଷ, ଗୃହ, ପେଜ, ନେଉଳ, ବୈଦ୍ୟ

ସୈନିକ, ଢୋଲ, ପୋଟଳ, ଦୌଡ଼, ଚୌକି, ବାଦ୍ୟ, ନବଗ୍ରହ, ଶୁକ୍ଳ, ମଲ୍ଲୀ, ଅଶ୍ୱ, ପଦ୍ମ, ରତ୍ନ, ସର୍ପ

## କାର୍ଯ୍ୟପର୍ଦ୍ଧ - ୧୫

**ଶିକ୍ଷଣ ଫଳାଫଳ :-**

ବିଭିନ୍ନ ବିଷୟରେ ବିଭିନ୍ନ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଶବ୍ଦ ବାକ୍ୟର ସଂରଚନା ଆଦିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବ ।

- ଆସ ନିମ୍ନ ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନ କରି ଲେଖିବା

| | |
|---|---|
| ବୁଦ୍ଧଦେବ | ଅଶ୍ୱ |
| ଡାକ୍ତର | ସ୍କେଲ୍ |
| ଖଡ୍ଗ | ପୁଷ୍କରିଣୀ |
| ପୁଷ୍ପାଞ୍ଜଳି | ଅଙ୍କ |
| ଶବ୍ଦ | ଉଚ୍ଚବିଦ୍ୟାଳୟ |
| ମହାତ୍ମା ଗାନ୍ଧୀ | ବାକ୍ସ |
| ଅଟ୍ଟାଳିକା | ପଶ୍ଚିମଦିଗ |
| ମନ୍ତ୍ରୀ | ଶିଳ୍ପୀ |
| ଅନ୍ତନଳୀ | କଚ୍ଛପ |
| | କୁମ୍ଭକର୍ଣ୍ଣ |
| | ପୁଷ୍ପଗୁଚ୍ଛ |
| | ନମସ୍କାର |

• ଆସ ନିଜ ବିଷୟ, ନିଜ ସ୍କୁଲ୍ ବିଷୟ ଓ ନିଜ ଗାଁ ବିଷୟରେ କିଛି ବାକ୍ୟ ଲେଖିବା ।

ନିଜ ବିଷୟରେ -

ନିଜ ସ୍କୁଲ୍ ବିଷୟରେ -

ନିଜ ଗାଁ ବିଷୟରେ -

# କାର୍ଯ୍ୟପତ୍ର - ୨୨

## ଆକଳନ-୧

ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନ (✓) ଦିଅ ।

**ପ୍ରଶ୍ନ ନଂ-୧. ନିମ୍ନୋକ୍ତ ମଧ୍ୟରୁ କେଉଁଟି 'ଆ' କାର ଥିବା ଶବ୍ଦ ଅଟେ ?**

(କ) ନିକିତି (ଖ) ଚଉକି (ଗ) ରାଜା (ଘ) କଉଡି

**ପ୍ରଶ୍ନ ନଂ-୧. ଠିକ୍ ବନାନ୍ ଥିବା ଶବ୍ଦଟି ହେଲା -**

(କ) ମୂଷା (ଖ) ମୁଷା (ଗ) ମୁସା (ଘ) ମୂଶା

**ପ୍ରଶ୍ନ ନଂ-୩. କେଉଁଟି ଠିକ୍ ବାକ୍ୟ ଅଟେ ?**

(କ) ମୋ ଏହିଟି ପେନ୍‌ସିଲ (ଖ) ପେନ୍‌ସିଲ୍‌ଟି ମୋ ଏହି

(ଗ) ଏହିଟି ମୋ ପେନ୍‌ସିଲ୍ (ଘ) ମୋ ପେନ୍‌ସିଲ୍ ଟି ଏହି

**ପ୍ରଶ୍ନ ନଂ-୪. 'ମ' ଫଳା ( ୍ମ ) ଯୁକ୍ତ ଶବ୍ଦଟି ହେଲା**

(କ) ଶୁକ୍ଳ (ଖ) ସର୍ପ (ଗ) ପଦ୍ମ (ଘ) ଜହ୍ନ

**ପ୍ରଶ୍ନ ନଂ-୫. 'ଖବୈଶା' ଶବ୍ଦକୁ ସଜାଡି ଲେଖିଲେ କଣ ହେବ ?**

(କ) ଶାବୈଖ (ଖ) ବୈଶାଖ (ଗ) ଖଶାବୈ (ଘ) ଶାଖବୈ

**ପ୍ରଶ୍ନ ନଂ-୬. 'ଅନ୍ଧାର' ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦଟି -**

(କ) ରାତି (ଖ) ଆଲୋକ (ଗ) ଦିବସ (ଘ) ଅନ୍ଧାରିଆ

**ପ୍ରଶ୍ନ ନଂ-୭. କେଉଁଟି 'ସରଗ' ର ଗଦ୍ୟ ରୂପ ଅଟେ ?**

(କ) ସର୍ଗ (ଖ) ସ୍ୱଗ (ଗ) ସ୍ୱର୍ଗ (ଘ) ର୍ସଗ୍ୱ

**ଅନୁଚ୍ଛେଦଟି ପଢି ଉପଯୁକ୍ତ ଉତ୍ତର ପାଖରେ (ଠିକ୍) ଚିହ୍ନ ଦିଅ ?**

ପଶ୍ଚିମ ଆକାଶରେ ସୂର୍ଯ୍ୟ ଅସ୍ତ ହୋଇସାରିଥା'ନ୍ତି । ଅନ୍ଧାର ହୋଇ ଆସୁଥାଏ । ହଠାତ୍ ଆକାଶରୁ ଦଲକାଏ ନିଆଁ କ୍ଷିପ୍ର ବେଗରେ ଖସିଆସିଲା । ଏହା ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ଭାବିଲେ ଏହା ଆଉ କ'ଣ ହୋଇଥିବ, ଉଲ୍କାପିଣ୍ଡ ନିଶ୍ଚିତ ।

**ପ୍ରଶ୍ନ ନଂ-୮. ସୂର୍ଯ୍ୟ କେଉଁ ଆକାଶରେ ଅସ୍ତହେଲେ ?**

(କ) ପୂର୍ବ (ଖ) ପଶ୍ଚିମ (ଗ) ଉତ୍ତର (ଘ) ଦକ୍ଷିଣ

**ପ୍ରଶ୍ନ ନଂ-୯. ଆକାଶରୁ କ୍ଷିପ୍ର ଗତିରେ କ'ଣ ପଡିଲା ?**

(କ) ପଥର (ଖ) ଦଲକାଏ ନିଆଁ (ଗ) ପାଣି (ଘ) ମାଛ

**ପ୍ରଶ୍ନ ନଂ-୧୦. ଉଲ୍କାପିଣ୍ଡ ଦେଖି ଲୋକମାନେ ................ ।**

(କ) ଡରିଗଲେ । (ଖ) ଆଶ୍ଚର୍ଯ୍ୟ ହେଲେ ।

(ଗ) ଧାଇଁଧାଇଁ ଡକାଡକି ହେଲେ । (ଘ) ଖୁସିରେ ନାଚିଲେ ।

## କାର୍ଯ୍ୟପତ୍ର - ୨୩

**ଶିକ୍ଷଣ ଫଳାଫଳ :-**

**ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢାଇବ ।**

- **କାହାଣୀଟିକୁ ପଢ଼ି ପ୍ରଶ୍ନର ଉତ୍ତର ଦିଅ**

ସିଂହ ଓ ଭାଲୁ ସଂଗାତ ଥିଲେ। ଦୁହେଁ ଝରଣାକୁ ପାଣି ପିଇବାକୁ ଗଲେ। ଝରଣା ପାଖରେ କାଦୁଅ ଥିଲା। ଭାଲୁ କାଦୁଅରେ ପଡିଗଲା। ସିଂହ ଭାଲୁକୁ ଉଦ୍ଧାର କଲା। ଭାଲୁ ବାହାରକୁ ଆସିଗଲା। ଦୁଇ ସଂଗାତ ବହୁତ ଖୁସି ହୋଇଗଲେ।

**ପ୍ରଶ୍ନ:** ଝରଣାକୁ କିଏ କିଏ ପାଣି ପିଇବାକୁ ଯାଇଥିଲେ ?

**ଉତ୍ତର:**.............................................................................

.............................................................................

.............................................................................

**ପ୍ରଶ୍ନ:** ଭାଲୁକୁ କିଏ ବଞ୍ଚାଇଲା ?

**ଉତ୍ତର:**.............................................................................

.............................................................................

.............................................................................

**ପ୍ରଶ୍ନ:** ଦୁଇ ସଂଗାତ କାହିଁକି ଖୁସି ହେଲେ ?

**ଉତ୍ତର:**.............................................................................

.............................................................................

.............................................................................

**ପ୍ରଶ୍ନ:** ସିଂହ ଓ ଭାଲୁ ଝରଣାକୁ କାହିଁକି ଯାଇଥିଲେ ?

**ଉତ୍ତର:**.............................................................................

.............................................................................

.............................................................................

## ଶିକ୍ଷକଙ୍କପାଇଁ ସୂଚନା

ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୨୩ ଠାରୁ ୩୧ ପର୍ଯ୍ୟନ୍ତ ବିଭିନ୍ନ ଅନୁଚ୍ଛେଦ କବିତା ଓ ଗଳ୍ପ ଗୁଡିକର ଶୁଦ୍ଧ, ସ୍ପଷ୍ଟ, ଆଦର୍ଶ ଉଚ୍ଚପଠନ କରିବେ । କାର୍ଯ୍ୟଫର୍ଦ୍ଦଗୁଡିକରେ ଥିବା ଭାବ ବୁଝାଇବା, ଧାରଣାର ବୋଧଗମ୍ୟତା ପାଇଁ ଅନୁଚ୍ଛେଦ, କବିତା ଓ ଗଳ୍ପ ସମ୍ପର୍କରେ ପିଲାଙ୍କ ସହିତ କଥୋପକଥନ କରିବେ ।

ଉପକରଣ ଭାବେ ଅନୁଚ୍ଛେଦ, ଗଳ୍ପ ଓ କବିତାର ଫ୍ଲାସ୍‌କାର୍ଡ,ସାରଣୀଫର୍ଦ୍ଦ ବ୍ୟବହାର କରିବେ ।
ପିଲାମାନେ ଅନୁଚ୍ଛେଦ, ଗଳ୍ପ ଓ କବିତାରେ ଥିବା ଭାବକୁ ପ୍ରଶ୍ନୋତ୍ତର ଲିଖନ ମାଧ୍ୟମରେ ପ୍ରକାଶ କରିବେ ।

## କାର୍ଯ୍ୟଫର୍ଦ୍ଦ - ୧୮

**ଶିକ୍ଷଣ ଫଳାଫଳ :-**

ଶିକ୍ଷକ କେତେକ ମାତ୍ରା, ଫଳା ଓ ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦଥିବା ବାକ୍ୟ ଡ଼ାକିବେ ।

**ଶ୍ରୁତଲିଖନ:**

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

## କାର୍ଯ୍ୟଫର୍ଦ୍ଦ - ୬

**ଶିକ୍ଷଣ ଫଳାଫଳ :-**

ଶୁଣିଥିବା କଥା କିମ୍ୱା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନ ଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।

### ଚିତ୍ର ଦେଖି ବାକ୍ୟ ଲେଖ





## କାର୍ଯ୍ୟଫର୍ଦ୍ଦ - ୧୯

**ଶିକ୍ଷଣ ଫଳାଫଳ :-**

**ଗପ, କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବେ ଓ ସେଥିରେ ନିଜଗପ କଥାକୁ ଯୋଡିବେ ।**

ତୁମ ବୟସର ପିଲାଟିଏ
ମୁଣ୍ଡେଇଛି ଆମ୍ବ ଟୋକେଇଏ।

କିଏ ନେବ ଆମ୍ବ ବୁଲି କହୁଛି
ଗରାଖ ପାଇଲେ ବିକି ଦେଉଛି।

ପଚାରିଲି ଆମ୍ବ ମୂଲଟି କେତେ
ହସିଦେଇ ସିଏ କହିଲା ମୋତେ।

ଯଦି ନେବ ଆମ୍ବ ପୂରା ଟୋକେଇ
ତିନିକୋଡ଼ି ଟଙ୍କା ଦିଅ ପକେଇ।

ପଢିବା ବୟସେ ପାଠକୁ ଛାଡ଼ି
ବୁଲାଇ ବିକେ ସେ ମୁଣ୍ଡାଇ ଝୁଡ଼ି।

ଷାଠିଏଟା ଟଙ୍କା ଦେଲି ବଢ଼ାଇ।
ଭାବିଲି ଯାଉ ସେ ନିଶ୍ଚିନ୍ତ ହୋଇ।

ଟଙ୍କା ନେଇ ଆମ୍ବ ଦେଲା ବଢ଼ାଇ
ଖୁସିରେ ଘରକୁ ଗଲା ପଳାଇ।

**୧. କବିତାଟିର ପାଦ ପୂରଣ କର।**

(କ) କିଏ ନେବ ଆମ୍ବ ବୁଲି କହୁଛି
.........................

(ଖ) ଟଙ୍କା ନେଇ ଆମ୍ବ ଦେଲା ବଢ଼ାଇ
...................................

(ଗ) ପଢିବା ବୟସେ ପାଠକୁ ଛାଡ଼ି
........................

(ଘ) ଯଦି ନେବ ଆମ୍ବ ପୂରା ଟୋକେଇ
................................

**୨. ଯେଉଁ ପଦରେ ଆମ୍ବର ମୂଲ କଥା କୁହାଯାଇଛି ସେହି ପଦଟିକୁ ଗାଅ।**

### ଶିକ୍ଷକଙ୍କପାଇଁ ସୂଚନା

ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୧୯, ୨୦ ଓ ୨୧ର ସୁମଧୁର ସ୍ୱରରେ କବିତା ଆବୃତ୍ତି କରିବେ । ପିଲାଙ୍କୁ ନିଜ ସହିତ ମିଶି ଆବୃତ୍ତି କରାଇବେ ଓ ପାଦ ପୂରଣ କରାଇବେ । ଉପକରଣଭାବେ ନିଜ ଅଭିଜ୍ଞତାରୁ ଓ ବିଭିନ୍ନ ପୁସ୍ତକର କବିତା ବ୍ୟବହାର କରିବେ । ପିଲାମାନେ କବିତା ଆବୃତ୍ତି କରିବା ସହିତ କବିତାର ଭାବବୁଝି ପାଦ ପୂରଣ କରିବେ ଓ କବିତା ସଂପର୍କରେ କହିବେ, ଲେଖିବେ । ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୨୨ କୁ ଆକଳନ -୧ ଭାବେ ବ୍ୟବହାର କରିବେ ।

## କାର୍ଯ୍ୟଫର୍ଦ୍ଦ - ୨୪

**ଶିକ୍ଷଣ ଫଳାଫଳ :-**

**ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢାଇବ ।**

- **ଆସ ଗପଟି ପଢ଼ିବା ଓ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା ।**

ଖରାଦିନ। ସୋମୁ ବିଦ୍ୟାଳୟରୁ ଯାଉଥିଲା। ବାଟରେ ଦେଖିଲା, ବୁଢୀଟି ହାଲିଆ ହୋଇ ପାଣି ମାଗୁଛି। ବୁଢୀ ପାଖରେ କେହି ନ ଥିଲେ। ସୋମୁ ତା' ପାଣି ବୋତଲରୁ କିଛି ପାଣି ପିଇବାକୁ ଦେଲା। ବୁଢୀ ତା'ର ପିଠି ଆପୁଡେଇ କହିଲା, "ବାବୁ ତୋର ମଙ୍ଗଳ ହେଉ"। ପୁଣି ଟିକିଏ ବାଟ ଗଲାପରେ ସୋମୁ ଦେଖିଲା, ବଣିଟିଏ ଗଛ ତଳେ ଅଚେତ ହୋଇ ପଡ଼ିଛି। ତା'କୁ ତଳୁ ଉଠାଇ ଟିକିଏ ଆଉଁସି ଦେଲା। ତା'ପରେ ତା' ପାଟିରେ ଟିକିଏ ପାଣି ଦେବାରୁ ସେ ଉଡ଼ିଗଲା। ସୋମୁ ଖୁସିରେ ନାଚି ଉଠିଲା। ଆଉ ଦିନେ ତା' ସାଙ୍ଗ ବୁଲୁ ହଠାତ ବାଟରେ ପଡ଼ିଗଲା। ସୋମୁ ତାକୁ ସଙ୍ଗେସଙ୍ଗେ ତଳୁ ଉଠାଇଲା ଓ ମୁହଁରେ ପାଣି ଛାଟି ତାକୁ ପାଣି ପିଇବାକୁ ଦେଲା। ବୁଲୁ ଉଠି ବସିଲା। ତାକୁ ସାଙ୍ଗରେ ନେଇ ଡେରିରେ ବିଦ୍ୟାଳୟରେ ପହଞ୍ଚିଲା। ତା'ର ଏଇସବୁ କାର୍ଯ୍ୟ ବିଷୟରେ ଶୁଣି ଶିକ୍ଷକ ଓ ଅନ୍ୟାନ୍ୟ ସହପାଠୀମାନେ ତାକୁ ପ୍ରଶଂସା କଲେ।

**୧. ଉତ୍ତର କୁହ ଓ ଲେଖ।**

(କ) ସୋମୁ ବାଟରେ କ'ଣ ଦେଖିଲା ?

ଉ:........................................................

(ଖ) ବୁଢୀଟି ସୋମୁକୁ କିପରି ଭାବେ ଶୁଭେଚ୍ଛା ଜଣାଇଲା ?

ଉ:............................................................

(ଗ) ବଣିଟିକୁ କିଭଳି ଭାବରେ ସୋମୁ ଉଡ଼ିବାକୁ ଦେଲା ?

ଉ:............................................................

**୨. ଆସ ଆମେ ସଂଳାପ (କଥାବାର୍ତ୍ତା ହେବା) କହିବା ଓ ଲେଖିବା।**

ଚରିତ୍ର- ସୋମୁ:-.............................................

ବୁଢୀ:- ......................................................

## କାର୍ଯ୍ୟପତ୍ର - ୨୫

**ଶିକ୍ଷଣ ଫଳାଫଳ :-**

**ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢାଇବ ।**

**ଅନୁଚ୍ଛେଦଟି ପଢ଼ିବା ଓ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା ।**

ଗାଁର ନାମ ଇନ୍ଦୁପୁର । ଚନ୍ଦନ ଓ ଆନନ୍ଦ ଦୁଇ ବନ୍ଧୁ । ଏହି ଗାଁର ବାସିନ୍ଦା । ନଈବନ୍ଧ କଡରେ ଆନନ୍ଦର ଘର । ଘରେ ସେ ସୁନ୍ଦର ବଗିଚାଟିଏ କରିଛି । ବଗିଚାରୁ ରଜନୀଗନ୍ଧା ଫୁଲର ବାସ ଛୁଟେ । ଚନ୍ଦନ ଘର ବଗିଚାରେ କଦଳୀ ଚାଷ ହୁଏ । କାନ୍ଧିକାନ୍ଧି କଦଳୀ ସାଙ୍ଗକୁ ବନ୍ଧାକୋବି ବିକି ସେ ତାଙ୍କ ପରିବାର ଚଳାଏ ।

**ପ୍ରଶ୍ନ ନଂ-୧. ଆସ ପଢ଼ିବା ଓ ଲେଖିବା ।**

ବନ୍ଦର ................. ଅନ୍ଧ..................

ପନ୍ଦର ................. ଗନ୍ଧ..................

ସୁନ୍ଦର ................. ବନ୍ଧ..................

**ପ୍ରଶ୍ନ-୨. ଆସ ଅକ୍ଷରକୁ ସଜାଇ ଶବ୍ଦ କହିବା ଓ ଲେଖିବା ।**

କନ୍ଧୁବ..................................

ନବନ୍ଧ..................................

ସନନ୍ଧା.................................

**ତଳ ଲିଖିତ ଉତ୍ତରଗୁଡ଼ିକୁ ପାଇବା ପାଇଁ ପ୍ରଶ୍ନ ତିଆରି କର ।**

(୧) ଗାଁର ନାମ ଇନ୍ଦୁପୁର ।

.........................................................

(୨) ଚନ୍ଦନ ଓ ଆନନ୍ଦ ଦୁଇବନ୍ଧୁ ।

.........................................................

(୩) ବଗିଚାରୁ ରଜନୀଗନ୍ଧାର ବାସ ଛୁଟେ ।

.........................................................

(୪) ଚନ୍ଦନଘର ବଗିଚାରେ କଦଳୀ ଚାଷ ହୁଏ ।

.........................................................

(୫) ନଈବନ୍ଧ କଡ଼ରେ ଆନନ୍ଦର ଘର ।

.........................................................

# କାର୍ଯ୍ୟଫର୍ଦ୍ଦ - ୨୦

**ଶିକ୍ଷଣ ଫଳାଫଳ :-**

**ଗପ, କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବେ ଓ ସେଥିରେ ନିଜଗପ କଥାକୁ ଯୋଡିବେ ।**

**ଗୀତଟିକୁ ପଢ଼ ।**

ଆକାଶ କୋଳରେ କାଳିଆ ମେଘ
ଘୁଞ୍ଚିଘୁଞ୍ଚି ଯାଏ ଦେଖ ତା'ବାଗ ।
ଚାଷୀ ପାଞ୍ଚୁଅଛି ବିଲକୁ ଯିବ
ଘାସ ଚାଞ୍ଛି ସାରି ହଳ କରିବ ।

ବରଷା ହୋଇଲେ ବିହନ ବୁଣି
ଫଳାଇ ଦେବରେ ଫସଲ ଖଣି ।
ଜୀବନେ ସେ ଜାଣେ ଗୋଟିଏ କଥା
ଶ୍ରମ କରିବାକୁ ଖେଳାଏ ମଥା ।।

କାମ କରି ଯିଏ ପେଟ ପୋଷଇ
କାଲି ପାଇଁ କିଛି ଧନ ସଞ୍ଚଇ
ବିପଦ କେବେହେଁ ପାଖ ନ ପଶେ
ବଡ ଖୁସିରେ ତା' ଜୀବନ ହସେ ।।

**ପ୍ରଶ୍ନ-୧. ତଳେଥିବା ଖାଲି ଜାଗାରେ 'ଞ୍ଚ' ବା 'ଞ୍ଛ' ଲଗାଇ ଶବ୍ଦ ଗଢ଼ିବା ।**

ସ......ୟ, କା.......ନ, ଲା.......ନ, ବି.......ଣା, ପି........

**ପ୍ରଶ୍ନ-୨. ଚାରିପଟେ ଥିବା ପ୍ରତି ଅକ୍ଷର ସହ ମଝି ଅକ୍ଷରକୁ ଯୋଡ଼ି ଶବ୍ଦ ଗଢ଼ି ପଢ଼ିବା ଓ ଲେଖିବା ।**

ଲା
ମ     ପା
ଯା

..............................................................
..............................................................
..............................................................
..............................................................
..............................................................
..............................................................
..............................................................

**ପ୍ରଶ୍ନ-୩ ପ୍ରଶ୍ନର ଉତ୍ତର କୁହ ଓ ଲେଖ।**

(କ) ମେଘ ଆକାଶରେ କିଭଳି ଯା'ଆସ କରେ ?

(ଖ) ଚାଷୀ ମେଘ ଦେଖି କ'ଣ ବିଚାର କରେ ?

(ଗ) ଜୀବନରେ ସେ କେଉଁ ଗୋଟିଏ କଥା ଜାଣିଥାଏ ?

(ଘ) ତୁମ ଗାଁର ଜଣେ ଚାଷୀଙ୍କ ବିଷୟରେ ବର୍ଣ୍ଣନା କର।

**ପ୍ରଶ୍ନ-୪ ତଳ ପଦଗୁଡ଼ିକର ଗଦ୍ୟରୂପ ଲେଖ।**

| | | | | | |
|---|---|---|---|---|---|
| ବରଷା | | ପୋଷଇ | | ସଞ୍ଚଇ | |
| ପରଶ | | ସରଗ | | ପରାଣ | |

**ପ୍ରଶ୍ନ-୫ ଏକାଭଳି ଶୁଭୁଥିବା ଶବ୍ଦ ଯୋଡ଼ିକୁ କବିତାରୁ ବାଛି ଲେଖ**

**ଯେପରି:** କଥା

ମଥା

# କାର୍ଯ୍ୟଫର୍ଦ୍ଦ - ୨୬

**ଶିକ୍ଷଣ ଫଳାଫଳ :-**

**ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢ଼ାଇବ ।**

**ଆସ, ଗୀତଟିକୁ ଗାଇବା ।**

ଆଷାଢ ଶୁକଳ ଦ୍ୱିତୀୟା ଦିନ
ଜଗା ମନ ଖାଲି ହୁଏ ଉଛନ୍ନ।
ବୁଲିବାକୁ ଯିବ ମାଉସୀ ଘର
ସୁଆଦିଆ ପୋଡ଼ପିଠା ତାହାର।
ଭକତେ ଟାଣିବେ ରଥ ଦଉଡ଼ି
ବଡ଼ଦାଣ୍ଡେ ଚକ ଯିବରେ ଗଡ଼ି।
ରତନବେଦୀରୁ ଆସିଛି ଧାଇଁ
ପତିତଜନଙ୍କ ଉଦ୍ଧାର ପାଇଁ।

**ପ୍ରଶ୍ନ-୧ ପାଦ ପୂରଣ କର।**

(କ) ଆଷାଢ ଶୁକଳ ଦ୍ୱିତୀୟା ଦିନ

..............................................................................।

(ଖ) ରତନ ବେଦୀରୁ ଆସିଛି ଧାଇଁ

..............................................................................।

**ପ୍ରଶ୍ନ-୨ ଗୀତଟିକୁ ପଢି ଉତ୍ତର ଲେଖ।**

(କ) ରଥଯାତ୍ରା କେବେ ପଡେ ?

.......................................................................................

(ଖ) କବିତାରେ 'ଜଗା' କିଏ ?

.......................................................................................

(ଗ) ଜଗନ୍ନାଥ ରତ୍ନବେଦୀରୁ କାହିଁକି ଧାଇଁ ଆସନ୍ତି ?

.......................................................................................

**ପ୍ରଶ୍ନ-୩ ରଥଯାତ୍ରା ବିଷୟରେ ଆଉ ପାଞ୍ଚ ଧାଡ଼ି ଲେଖ**

.......................................................................................

.......................................................................................

.......................................................................................

.......................................................................................

## କାର୍ଯ୍ୟପତ୍ର - ୩୭

**ଶିକ୍ଷଣ ଫଳାଫଳ :-**

ଭିନ୍ନଭିନ୍ନ ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦଗୁଡିକୁ ବୁଝି ସେଗୁଡିକୁ ଲେଖାରେ ବ୍ୟବହାର କରିବ ।

**ପଢ଼ ଓ ଲେଖ**

ସ୍ତ୍ରୀ ଲୋକଙ୍କ ଚେହେରା ଯେମିତି, ଛୁଆଙ୍କ ଚେହେରା ତାକୁ ବଳି। ସମସ୍ତଙ୍କ ମୁଣ୍ଡ ନୁଖୁରା, ହାଡୁଆ ଦେହକୁ ଠାକରା ମୁହଁ, ଓଠ ଶୁଖିଲା, ଆଖି ନିସ୍ତେଜ, ଛୁଆଗୁଡ଼ିକଙ୍କ ଦେହ ଫୁଙ୍ଗୁଳା, ପତଳା ଓ ଦୁର୍ବଳ ଚେହେରା।

ବାବୁ କାବା ହେଲେ, ଏମାନେ ଆଜି କୁଆଡ଼େ ! ଏଠାରେ କାହିଁକି ? ସମସ୍ତଙ୍କ ଉପରେ ଥରେ ଆଖି ବୁଲାଇ ବାବୁ ପଚାରିଲେ- "କୁଆଡ଼େ ସବୁ ଆସିଛ ?" ଜବାବ ମିଳିଲା, କ୍ଷୀର ପାଇଁ, ଏଇ ପିଲାଙ୍କ ସକାଶେ।

**ପ୍ରଶ୍ନ ନଂ ୧- ତଳ ଲିଖିତ ଶବ୍ଦଗୁଡ଼ିକ ସହ ସଂପର୍କିତ ଶବ୍ଦ ଅନୁଚ୍ଛେଦରୁ ଖୋଜି ଲେଖ।**

**ଯେପରି- ନୁଖୁରା ମୁଣ୍ଡ**

ହାଡୁଆ........................ ଠାକରା.......................

ଶୁଖିଲା........................ ନିସ୍ତେଜ......................

ଦୁର୍ବଳ........................

**ପ୍ରଶ୍ନ ନଂ ୨- ଉପର ଲିଖିତ ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କରି ବାକ୍ୟ ଲେଖ।**

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ନଂ ୩- ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ।**

ଶୁଖିଲା - ଠାକରା -

ନିସ୍ତେଜ -

ଦୁର୍ବଳ -

ପତଳା -

## ଶିକ୍ଷକଙ୍କପାଇଁ ସୂଚନା

- ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୩୭ ଓ ୩୮ କୁ ସମଗ୍ର ଶ୍ରେଣୀରେ ଅଭ୍ୟାସ କରାଇବେ । ପ୍ରଶ୍ନୋତ୍ତର ଗୁଡ଼ିକ ଛୋଟ ଛୋଟ ଦଳରେ କରାଇବେ । ସବୁପିଲାଙ୍କ ସଂପୃକ୍ତି ଓ ଖାତା ସଂଶୋଧନକୁ ସୁନିଶ୍ଚିତ କରାଇବେ ।
- ଅଧିକ ପ୍ରଶ୍ନକାର୍ଡ, ଶବ୍ଦକାର୍ଡ ଓ ବାକ୍ୟକାର୍ଡ ବ୍ୟବହାର କରିବେ । ପିଲାମାନେ ଯୁକ୍ତାକ୍ଷର, ବିପରୀତ ଅର୍ଥବୋଧକଶବ୍ଦ ଓ ସଂପର୍କିତ ଶବ୍ଦ ଗୁଡ଼ିକୁ ବୁଝି ଲେଖିବେ ।

ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୩୭ ଓ ୩୮ ରେ ଥିବା ଅନୁଚ୍ଛେଦ ଓ କବିତାକୁ ଭଲଭାବରେ ପଢିବେ । ପିଲାଙ୍କୁ ପଢିବାପାଇଁ, ଆବୃତ୍ତି କରିବାପାଇଁ କହିବେ । ଅନୁଚ୍ଛେଦ ଓ କବିତାରେ ବ୍ୟବହୃତ ନୂତନ ଶବ୍ଦ ଖୋଜି ତାହାର ଅର୍ଥକୁ ଶବ୍ଦକୋଷରୁ ଖୋଜିବାକୁ କହିବେ । ଉପକରଣ ଭାବେ ବିଭିନ୍ନ ଶ୍ରେଣୀରେ ଥିବା ଅଭ୍ୟାସ କାର୍ଯ୍ୟଗୁଡିକରୁ ନୂତନ ଶବ୍ଦ ଓ ବାକ୍ୟ ସମ୍ବଳିତ ଫ୍ଲାସ୍‌କାର୍ଡ ବ୍ୟବହାର କରିବେ । ପିଲାମାନେ ନୂତନଶବ୍ଦ ଗଠନ କରିବେ, ଶବ୍ଦର ଅର୍ଥ ଶବ୍ଦ କୋଷରୁ ଦେଖିବେ, ଜାଣିବେ ଓ ଲେଖିବେ ।

# କାର୍ଯ୍ୟପତ୍ର - ୩୮

**ଶିକ୍ଷଣ ଫଳାଫଳ :-**

**ଭିନ୍ନଭିନ୍ନ ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦଗୁଡ଼ିକୁ ବୁଝି ସେଗୁଡ଼ିକୁ ଲେଖାରେ ବ୍ୟବହାର କରିବ ।**

**ଆସ, ଗୀତଟିକୁ ଆବୃତ୍ତି କରିବା ।**

ମାଙ୍କଡ଼ ଖାଉଛି କାଙ୍କଡ଼ କଷି
ଶଙ୍ଖ ବଜାଉଛି ପୁଷି ମାଉସୀ ।
ସାଥିରେ ଆଣିଛି କଙ୍କଡ଼ା ଗୋଡ଼
ଦାନ୍ତରେ କରୁଛି ସେ କଡ଼କଡ଼ ।
ଅଙ୍ଗ ଭଙ୍ଗୀ କରି ଭଲ୍ଲୁକ ରାଜା
ନାଚୁଅଛି ଶୁଣି ତେଲିଙ୍ଗ ବାଜା ।
ନେଉଳ ପିନ୍ଧିଛି ଛୋଟ ଜଙ୍ଘିଆ
ମୟୂରର ଦେହ ରଙ୍ଗ ରଙ୍ଗିଆ ।
ଛଞ୍ଚାଣ ଚାହିଁଛି ଉପରେ ଥାଇ
ପଞ୍ଝାରେ ମୂଷାକୁ ନେବ ଉଠାଇ ।

**ପ୍ରଶ୍ନ-୧ ପଢ଼ ଓ ଲେଖ ।**

ଯେପରି - ମାଙ୍କଡ଼, କାଙ୍କଡ଼, ପଙ୍କ, ଲଙ୍କା

ସେହିପରି ଲେଖ ।

| | | | |
|---|---|---|---|
| ଶଙ୍ଖ | ........................... | ........................... | ........................... |
| ତେଲିଙ୍ଗ | ........................... | ........................... | ........................... |
| ଛଞ୍ଚାଣ | ........................... | ........................... | ........................... |
| ଦାନ୍ତ | ........................... | ........................... | ........................... |

**ପ୍ରଶ୍ନ-୨- 'କଡ଼କଡ଼' ପରି ଆଉ ଦୁଇଟି ଶବ୍ଦ ଲେଖ । ..................... .....................**

**ପ୍ରଶ୍ନ-୩- ପଦର ଖାଲି ଅଂଶ ପୂରଣ କର ।**

ମାଙ୍କଡ଼ ଖାଉଛି କାଙ୍କଡ଼ କଷି

..........................................................

ଛଞ୍ଚାଣ ଚାହିଁଛି ଉପରେ ଥାଇ

..........................................................

# କାର୍ଯ୍ୟପତ୍ର - ୩୨

**ଶିକ୍ଷଣ ଫଳାଫଳ :-**

**ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ଭାଷା ତିଆରି କରିବ ଓ ଏହାକୁ ବ୍ୟବହାର କରିବ ।**

**ଗଳ୍ପଟିକୁ ପଢ଼ ।**

ବରଗଛ ଡାଳରେ କୋଇଲିଟିଏ ବସିଥିଲା । ତା' ପାଖ ଦେଇ ଜୁଳୁଜୁଳିଆ ପୋକ ଉଡ଼ିଯାଉଥିଲା । କୋଇଲି ତାକୁ ଖାଇବାକୁ ଥଣ୍ଟ ବଢ଼ାଇଲା ବେଳକୁ ସେ ଘୁଞ୍ଚି ଯାଇ କହିଲା,-"ମୋତେ କାହିଁକି ଖାଇବାକୁ ଚାହୁଁଛ ?" କୋଇଲି ଉତ୍ତର ଦେଲା,- "ମୋତେ ଭୋକ ହେଉଛି । ତୁ ବି ଛୋଟିଆ ଜୀବଟିଏ । ତୋର ବଞ୍ଚିବା କିଛି ଦରକାର ନାହିଁ । ତୁ କ'ଣ ମୋ ପରି ସୁନ୍ଦର ଗୀତ ଗାଇ ପାରିବୁ ?" ଜୁଳୁଜୁଳିଆ କହିଲା,- "ମୋ ଦେହରେ ବି ଠାକୁର ଆଲୁଅ ଟିକେ ଖଞ୍ଜି ଦେଇଛନ୍ତି । ଯାହାକୁ ଦେଖି ଲୋକମାନେ ଭାରି ଖୁସି ହୁଅନ୍ତି । ତେଣୁ ଆମ ଦୁହିଁଙ୍କ ଭିତରୁ କାହା ଜୀବନ ବି ଅଲୋଡ଼ା ନୁହେଁ ।" ଏହା କହି ସେ ଉଡିଗଲା । ତା' ଯିବା ବାଟକୁ ଚାହିଁ କୋଇଲି ଭାବୁଥିଲା- 'ସତେତ, ଏକଥା ନ ବୁଝି ମୁଁ କେଡ଼େ ବଡ ଭୁଲ କରିବାକୁ ଯାଉଥିଲି ।"

**ଉତ୍ତର ଲେଖ ।**

**ପ୍ରଶ୍ନ-୧- 'ଲୋଡା' ପୂର୍ବରୁ 'ଅ' ଲଗାଇଲେ 'ଅଲୋଡ଼ା' ହୁଏ । ସେହିପରି ମନରୁ କେତୋଟି ଶବ୍ଦ ଲେଖ ।**

.........................., .........................., ..........................,

..........................,

**ପ୍ରଶ୍ନ-୨- ବାକ୍ୟ ଗଠନ କର ।**

ଖଞ୍ଜିବା-..............................................................................

ଥଣ୍ଟ-.................................................................................

ବଞ୍ଚିବା-.............................................................................

**ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖ**

୧. ଜୁଳୁଜୁଳିଆ ପୋକ ଘୁଞ୍ଚି ଯାଇ କୋଇଲିକୁ କ'ଣ କହିଲା ?

ଉତ୍ତର :

୨. କୋଇଲି କ'ଣ ଉତ୍ତର ଦେଲା ?

ଉତ୍ତର :

**ଶିକ୍ଷକଙ୍କପାଇଁ ସୂଚନା**

ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୩୨ର ଆଦର୍ଶ ଉଚ୍ଚପଠନ କରିବେ । ସୂଚନା ଅନୁସାରେ ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ପିଲାଙ୍କୁ ଭାଷା ତିଆରିର କୌଶଳ ଶିଖାଇବେ । ଉପକରଣଭାବେ ପୂର୍ବଶ୍ରେଣୀର ପାଠ୍ୟପୁସ୍ତକ ଗୁଡିକରେ ଥିବା ଭାଷାର ବ୍ୟବହାର ଆଧାରିତ ଅଭ୍ୟାସ କାର୍ଯ୍ୟଗୁଡିକୁ ନେବେ । ପିଲାମାନେ ନୂତନଶବ୍ଦ, ବାକ୍ୟ ଗଢିବେ, କହିବେ, ପଢିବେ ଓ ଲେଖିବେ ।

# କାର୍ଯ୍ୟପତ୍ର - ୩୯

**ଶିକ୍ଷଣ ଫଳାଫଳ :-**

ଭାଷାର ବ୍ୟାକରଣକୁ (ଯେପରି କାରକ,କର୍ତ୍ତା କ୍ରିୟା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ

**ଆସ, ଅନୁଚ୍ଛେଦଟିକୁ ପଢ଼ିବା ।**

ରାମ ଓ ଶ୍ୟାମ ଦୁଇ ଭାଇ । ଦିନେ ସେମାନେ ପରିବା କିଣିବାକୁ ବଜାରକୁ ଗଲେ । ବଜାରରୁ ଆଳୁ, ସାରୁ, ବାଇଗଣ କିଣିଲେ । ରାମ କହିଲା, "ଆଉ କେଉଁ ପରିବା ବାକି ରହିଲା କହ ?" ଶ୍ୟାମ କହିଲା, " ଆହା, ଏଡ଼େ ସୁନ୍ଦର ଫୁଲ ବିକ୍ରି ହେଉଛି ! ଚାଲ କିଣିବା ।" ରାମ ପଚାରିଲା, "ମାଆ ଆମକୁ ଫୁଲ ନେବାକୁ କହିଥିଲେ କି ?" ଶ୍ୟାମ କହିଲା, "ହଁ । ପରିବା କିଣା ସେତିକି ଥାଉ । ଚାଲ ଫୁଲ କିଣି ଘରକୁ ଫେରିଯିବା ।"

**ପ୍ରଶ୍ନ-୧- ଉପର ଅନୁଚ୍ଛେଦକୁ ପଢ ଓ ବାକ୍ୟରେ ବ୍ୟବହାର ହୋଇଥିବା ଚିହ୍ନଗୁଡିକୁ ଲକ୍ଷ୍ୟ କର । ତଳ ଲିଖିତ ବାକ୍ୟ ଗୁଡ଼ିକର ଯଥା ସ୍ଥାନରେ ସେହି ଚିହ୍ନଗୁଡିକ ବ୍ୟବହାର କର ।**

(କ) ମୁଁ ପ୍ରତିଦିନ ବିଦ୍ୟାଳୟକୁ ଯାଏ

(ଖ) ସେଠାରେ ସାହିତ୍ୟ ଗଣିତ ସାମାଜିକ ଇଂରାଜୀ ଆଦି ପାଠ ପଢ଼େ

(ଗ) ତୁମକୁ କେଉଁ ବିଷୟ ପଢ଼ିବାକୁ ଭଲ ଲାଗେ

(ଘ) ମିତା କହିଲା ମୋତେ ଚିତ୍ରାଙ୍କନ କରିବାକୁ ଭଲ ଲାଗେ

**ପ୍ରଶ୍ନ-୨- ତୁମ ଅନୁଭୂତିରୁ ବଜାର ସମ୍ପର୍କରେ ତଳେ ଲେଖ ।**

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

## ଶିକ୍ଷକଙ୍କପାଇଁ ସୂଚନା

ଶିକ୍ଷକ କାର୍ଯ୍ୟପର୍ଦ୍ଧ ୩୯ ଠାରୁ ୪୧ କୁ ନିଜେ ପଢିବେ । ଏଥିରେ ଥିବା ବ୍ୟାକରଣଗୁଡିକୁ ଚିହ୍ନଟ କରିବେ ।

ଉପକରଣଭାବେ ବିଭିନ୍ନ ପୁସ୍ତକରୁ ବ୍ୟାକରଣ ସମ୍ପର୍କିତ ପ୍ରଶ୍ନ ସଂଗ୍ରହ କରି ଫ୍ଲାସ୍‌କାର୍ଡ, ସାରଣୀ (ସ୍ତମ୍ଭମିଳନ, ଭୁଲ୍‌ଠିକ୍, ସମାନଅର୍ଥ, ବିପରୀତ ଶବ୍ଦ ଇତ୍ୟାଦି) ବ୍ୟାବହର କରିବେ ।

ପିଲାମାନେ ବିପରୀତଶବ୍ଦ, ସମାନାର୍ଥବୋଧକ ଶବ୍ଦ, ବନାନ ଶୁଦ୍ଧି ଭଳି ବିଭିନ୍ନ ବ୍ୟାକରଣ ସଂପର୍କିତ ପ୍ରଶ୍ନର ଉତ୍ତର କହିବେ, ପଢିବେ ଓ ଲେଖିବେ ।

ଶିକ୍ଷକ ୪୨ନମ୍ବର କାର୍ଯ୍ୟପର୍ଦ୍ଧକୁ ଆକଳନ-୨ ଭାବେ ବ୍ୟବହାର କରିବେ ।

# କାର୍ଯ୍ୟଫର୍ଦ୍ଦ - ୨୧

**ଶିକ୍ଷଣ ଫଳାଫଳ :-**

**ଗପ, କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବେ ଓ ସେଥିରେ ନିଜଗପ କଥାକୁ ଯୋଡିବେ ।**

**ଆସ ଗୀତଟିକୁ ଗାଇବା ।**

ଆମ ଗାଁ ଭୂଇଁ ଭାରି ବଢିଆ,
ଉଚ୍ଚା ତାଳଗଛ ଆଉ ନଡ଼ିଆ ।
ନଈ ପଠା ପୁଣି ଶାଗୁଆ କ୍ଷେତ,
କାଶତଣ୍ଡୀ ସାଥେ ହସେ ଶରତ ।
ଶୀତୁଆ ସକାଳ କାଠୁଆ ଜାଡ଼,
ପିଲା ବୁଢା ପାଇଁ ବିଷମ ବଡ଼ ।
ଫଗୁଣ ମାସରେ ଥିରି ପବନ
ମୋହିନେଇଥାଏ ସବୁରି ମନ ।

**ପ୍ରଶ୍ନ-୧- ପଦ ପୂରଣ କର ।**

ଆମ ଗାଁ ଭୂଇଁ ଭାରି ବଢ଼ିଆ
...............................
ଫଗୁଣ ମାସରେ ଥିରି ପବନ
...............................

**ପ୍ରଶ୍ନ-୨- ଉଦାହରଣ ଦେଖି ଖାଲି ଜାଗା ପୂରଣ କର ।**

ଭୂଇଁ, ମାଇଁ ............ , ...............
ନଡ଼ିଆ, ଧଡ଼ିଆ............, .................

**ପ୍ରଶ୍ନ-୩-** ଯେପରି, ଶୀତ-ଶୀତୁଆ
ସେପରି, କାଠ-..........., ମଠ- ............ପାଠ-.............. ।

**ପ୍ରଶ୍ନ-୪ ଉତ୍ତର ଲେଖ ।**

୧. କାଶତଣ୍ଡୀ ଫୁଲ କେଉଁ ଋତୁରେ ଫୁଟେ ?

ଉତ୍ତର :

୨. ଶରତ ଋତୁ ପରେ କେଉଁ ଋତୁ ଆସେ ?

ଉତ୍ତର :

# କାର୍ଯ୍ୟପତ୍ର - ୨୭

**ଶିକ୍ଷଣ ଫଳାଫଳ :-**

ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢାଇବ ।

## ଗପଟିକୁ ପଢ଼ି ପ୍ରଶ୍ନର ଉତ୍ତର ଦିଅ

ଥରେ ହାତୀଟିଏ ଶୋଇଥିଲା । ଏହା ଦେଖି ଗୁଣ୍ଡୁଚି ମୂଷାଟିଏ ଆସିଲା ଏବଂ ହାତୀର ପିଠିରେ ଚଢ଼ିଗଲା । ହାତୀ ସେମିତି ଶୋଇରହିଥାଏ । ଠେକୁଆଟିଏ ବି ହାତୀ ପିଠିରେ ଚଢ଼ିଗଲା । ତା'ପରେ ମାଙ୍କଡ଼ଟିଏ ଆସିଲା, ସେ ମଧ୍ୟ ହାତୀ ପିଠିରେ ଚଢିଗଲା । ତିନିହେଁ ହାତୀ ପିଠିରେ ଖେଳିବାକୁ ଲାଗିଲେ । ହଠାତ୍ ହାତୀର ନିଦ ଭାଙ୍ଗିଗଲା ଓ ସେ ଠିଆ ହୋଇଗଲା । ଗୁଣ୍ଡୁଚି ଓ ଠେକୁଆ ଡରରେ ଦୌଡ଼ି ପଳାଇଲେ । କିନ୍ତୁ ମାଙ୍କଡ଼ ତଳେ ପଡ଼ିଗଲା । ସେ ହାତୀକୁ ଦେଖି ଡରିଗଲା ଓ ଭାବିଲା ହାତୀ ତାକୁ ମାରିଦେବ । କିନ୍ତୁ ହାତୀ ମାଙ୍କଡ଼କୁ କହିଲା, "ଡର ନାହିଁ ମୋ ପିଠି ଉପରେ ବସ୍ ।" ହାତୀ ମାଙ୍କଡ଼କୁ ପିଠି ଉପରେ ବସାଇ ଶୋଇଗଲା ।

**ପ୍ରଶ୍ନ: ୧- ହାତୀ ପିଠି ଉପରେ କିଏକିଏ ଚଢ଼ିଥିଲେ ?**

ଉତ୍ତର:..........................................................................

..........................................................................

..........................................................................

..........................................................................

**ପ୍ରଶ୍ନ: ୨- ମାଙ୍କଡ଼ କାହିଁକି ଡରିଗଲା ?**

ଉତ୍ତର:..........................................................................

..........................................................................

..........................................................................

..........................................................................

**ପ୍ରଶ୍ନ: ୩- ହାତୀ ମାଙ୍କଡ଼କୁ କ'ଣ କହିଲା ?**

ଉତ୍ତର:..........................................................................

..........................................................................

..........................................................................

..........................................................................

# କାର୍ଯ୍ୟପତ୍ର - ୩୬

**ଶିକ୍ଷଣ ଫଳାଫଳ :-**

ଭାଷାର ଗୁଣାତ୍ମକପ୍ରତି ଦୃଷ୍ଟି ଦେଇ ନିଜ ଭାଷା ଗଢ଼ିବ ଓ ସେଗୁଡ଼ିକ ନିଜ ଲିଖନରେ ସାମିଲ କରିବ ।

**ଆସ, ଭାବିକରି ଲେଖିବା :**

୧. ଯଦୁ ଓ ମଧୁ ଦୁଇ ସାଙ୍ଗ । ଗ୍ରୀଷ୍ମଛୁଟି ପରେ ଭେଟ ହୋଇଛନ୍ତି । ଏମାନେ କ'ଣ କଥାବାର୍ତ୍ତା ହେଉଛନ୍ତି ତଳେ ଦିଆଯାଇଥିବା ସ୍ଥାନରେ ଲେଖ ।

ଯଦୁ ..............................................................................

ମଧୁ ..............................................................................

ଯଦୁ ..............................................................................

ମଧୁ ..............................................................................

ଯଦୁ ..............................................................................

ମଧୁ ..............................................................................

୨. ବଣ ଭୋଜିର ଅନୁଭୂତିକୁ ନେଇ ଦୁଇ ସାଙ୍ଗଙ୍କ ମଧ୍ୟରେ କଥୋପକଥନ ଲେଖ

..............................................................................

..............................................................................

..............................................................................

..............................................................................

# କାର୍ଯ୍ୟପତ୍ର - ୪୦

**ଶିକ୍ଷଣ ଫଳାଫଳ :-**

ଭାଷାର ଗୁଣାତ୍ମକପ୍ରତି ଦୃଷ୍ଟି ଦେଇ ନିଜ ଭାଷା ଗଢ଼ିବ ଓ ସେଗୁଡିକ ନିଜ ଲିଖନରେ ସାମିଲ କରିବ ।

**ଆସ, ଅନୁଚ୍ଛେଦଟିକୁ ପଢ଼ି ବୁଝିବା ।**

ଯୁବକ ଜଣକ ରାସ୍ତାର ଆରପଟକୁ ଲକ୍ଷ୍ୟ କଲେ। ଦେଖିଲେ, ଜଣେ ବୃଦ୍ଧ ବ୍ୟକ୍ତି ଥମ୍ପସନଙ୍କ ଡାକରେ ଅଟକି ଯାଇଛନ୍ତି। କୁକୁର ବେକରେ ବନ୍ଧା ହୋଇଥିବା ବେଲ୍ଟଟିକୁ ଧରିଛନ୍ତି। କୁକୁରଟି ତାଙ୍କ ଆଗରେ ଠିଆ ହୋଇଛି ଏବଂ ମାଲିକର ନିର୍ଦ୍ଦେଶପାଇଁ ଚାହିଁ ରହିଛି।

**ପ୍ରଶ୍ନ-୧- ଉପରେ ଲେଖା ଯାଇଥିବା ଅନୁଚ୍ଛେଦରୁ କାମକୁ ବୁଝାଉଥିବା ଶବ୍ଦଗୁଡ଼ିକୁ ବାଛି ଲେଖ।**

..........., .............., ............., .................., ...........................

.........................।

**ପ୍ରଶ୍ନ-୨- ତଳ ଲିଖିତ ଶବ୍ଦଗୁଡ଼ିକୁ ଅଭିଧାନ କ୍ରମରେ ଲେଖ।**

ରାସ୍ତା, ବୃଦ୍ଧ, ଆଗ, ନିର୍ଦ୍ଦେଶ, ମାଲିକ, ଆରପଟ।

**ପ୍ରଶ୍ନ-୩- ବାକ୍ୟ ମଧ୍ୟରେ ଭୁଲ୍ ଶବ୍ଦକୁ ଖୋଜି ଗୋଲ ବୁଲାଅ ଏବଂ ଠିକ୍ କରି ବାକ୍ୟଟି ଲେଖ।**

୧. ଯୁବକ ଜଣକ ରାସ୍ତାର ଆରପଟକୁ ଲକ୍ଷ କଲେ ।

..........................................................................................

୨. କୁକୁରଟି ମାଲିକର ନିର୍ଦ୍ଦେଶପାଇଁ ଚାହିଁ ରହିଛି ।

..........................................................................................

୩. ବୃଧ ବ୍ୟକ୍ତିଟି ଥମ୍ପସନଙ୍କ ଡାକରେ ଅଟକି ଗଲେ।

..........................................................................................

# କାର୍ଯ୍ୟପତ୍ର - ୨୮

**ଶିକ୍ଷଣ ଫଳାଫଳ :-**

**ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢାଇବ ।**

**ଆସ, ଗଳ୍ପଟିକୁ ପଢ଼ିବା ।**

ଥରେ ପୋଖରୀ ହୁଡାରେ ଗେଣ୍ଡା, ଚିଙ୍ଗୁଡି, ମାଛ, କଇଁଛ, କଙ୍କଡ଼ା ଆଦି ଜଳଜୀବମାନଙ୍କର ସଭା ବସିଥିଲା। ବଗ ସେମାନଙ୍କ ପିଲାମାନଙ୍କୁ ମାରି ଖାଇଯାଇଥିବାରୁ ତାକୁ ପାନେ ଦେବା ବିଷୟରେ ଆଲୋଚନା ଚାଲିଥିଲା। ନିଜ ଜାଗାରୁ ଠିଆ ହୋଇ କଙ୍କଡ଼ା କହିଲା, "ଭାଇମାନେ, ବ୍ୟସ୍ତ ହୁଅନାହିଁ। ମୁଁ ଗୋଟିଏ ଉପାୟ ପାଞ୍ଚିଛି। ମୋତେ ଗୋଟିଏ ଦିନ ସମୟ ଦିଅ।'' ସମସ୍ତେ ଘରକୁ ଫେରିଗଲେ। ପରଦିନ ବଗ ଡେଣା ଫଡ୍‌ଫଡ୍ କରି ଆସି ପୋଖରୀ କୂଳରେ ବସିଲା। ପୂର୍ବ ପରି ପାଣିରେ ମୁହଁ ରଖି ଶୋଇବାର ଅଭିନୟ କଲା। କଙ୍କଡା ଚୁପ୍‌ଚୁପ୍ ପାଣିରୁ ଆସି ତା'ର ବେକକୁ ନିଜ ଗୋଡ଼ରେ ଚାପି ଧରିଲା। ବଗ କଙ୍କଡ଼ା ପାଖରେ ନେହୁରା ହେଲା। କହିଲା, "ମୋତେ ଛାଡ଼ିଦିଅ।'' କଙ୍କଡ଼ା କହିଲା, "ତୁମେ ଯଦି ଆଉ ପୋଖରୀର ଜୀବଙ୍କୁ ମାରିବ ନାହିଁ, ତେବେ ମୁଁ ତୁମକୁ ଛାଡ଼ିଦେବି"। ବଗ ରାଜି ହୋଇଯିବାରୁ କଙ୍କଡ଼ା ତାକୁ ଛାଡିଦେଲା। ସେହିଦିନଠାରୁ ସମସ୍ତେ ଖୁସିରେ ରହିଲେ।

**ଉତ୍ତର ଲେଖ।**

**ପ୍ରଶ୍ନ-୧- 'ଫଡ୍‌ଫଡ୍' ପରି କେତୋଟି ଶବ୍ଦ ଲେଖ।**

............., ...................., ......................, ......................

**ପ୍ରଶ୍ନ-୨- 'କଙ୍କଡ଼ା' ପରି 'ଙ୍କ' ଲଗାଇ କେତୋଟି ଶବ୍ଦ ଲେଖ।**

.................., ...................., ......................, ...................

**ପ୍ରଶ୍ନ-୩- 'ଗେଣ୍ଡା' ପରି 'ଣ୍ଡ' ଥାଇ କେତୋଟି ଶବ୍ଦ ଲେଖ।**

.................., ...................., ......................, ...................

**ପ୍ରଶ୍ନ -୪ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।**

୧. ପୋଖରୀହୁଡ଼ାରେ କେଉଁ ମାନଙ୍କର ସଭା ବସିଥିଲା ?

ଉ:.......................................................................

୨. ସଭାରେ କେଉଁ ବିଷୟରେ ଆଲୋଚନା ହେଉଥିଲା ?

ଉ:.......................................................................

# କାର୍ଯ୍ୟପତ୍ର - ୩୪

**ଶିକ୍ଷଣ ଫଳାଫଳ :-**

**ଭାଷାର ଗୁଣାତ୍ମକ ପ୍ରତି ଦୃଷ୍ଟି ଦେଇ ନିଜ ଭାଷା ଗଢ଼ିବ ଓ ସେଗୁଡ଼ିକ ନିଜ ଲିଖନରେ ସାମିଲ କରିବ ।**

**ଆସ, ଭାବିକରି ଲେଖିବା ।**

ସୋହନ ତା'ର ମେସିନ୍‌କୁ ସଜାଡ଼ିବାକୁ କାଲୁ ମିସ୍ତ୍ରିର ଦୋକାନକୁ ଗଲା ।

ସେ ଦୁହିଁଙ୍କ ମଧ୍ୟରେ କି କି କଥାବାର୍ତ୍ତା ହେଲା ନିଜ ଭାଷାରେ ଲେଖ ।

ସୋହନ :

କାଲୁମିସ୍ତ୍ରି :

ସୋହନ :

କାଲୁମିସ୍ତ୍ରି :

ସୋହନ :

କାଲୁମିସ୍ତ୍ରି :

- **ନିମ୍ନ ଶବ୍ଦଗୁଡ଼ିକୁ ନେଇ ଅନୁଚ୍ଛେଦଟିଏ ଲେଖ ।**

  କଇଁଛ, ଠେକୁଆ, ମାଇଲ୍ ଖୁଣ୍ଟ, ବାଜି

  ଦ୍ରୁତ, ଧୀର, ଜିତିଲା, ହାରିଗଲା

# କାର୍ଯ୍ୟପତ୍ର - ୨୯

**ଶିକ୍ଷଣ ଫଳାଫଳ :-**

**ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢାଇବ ।**

**ଆସ, ପଢ଼ିବା ଏବଂ ନିମ୍ନରେ ଥିବା ପ୍ରଶ୍ନର ଉତ୍ତର ଲେଖିବା ।**

ଦଶହରା ନାମ ଶୁଣିଲେ ମନରେ ଏକ ପ୍ରକାର ଆନନ୍ଦଉଲ୍ଲାସ ଭରି ଉଠେ। ପିଲାମାନେ ଏହି ପର୍ବରେ ବଡ଼ବଡ଼ ମେଳା ଓ ଦୋକାନକୁ ଅପେକ୍ଷା କରିଥା'ନ୍ତି। ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତ କରିଥା'ନ୍ତି। କିଏ ନୂଆ ପୋଷାକ ତିଆରି କରନ୍ତି ତ ଆଉ କିଏ ବିଭିନ୍ନ ପ୍ରକାର ଖେଳନା କିଣିବାକୁ ତାଲିକା କରିଥା'ନ୍ତି। ସଭିଏଁ ଏହି ମେଳାରେ ଚକିରିଦୋଳି / ରାମଦୋଳିରେ ମଜ୍ଜି ଯାଇଥା'ନ୍ତି। ଏହି ମେଳାରେ ଛୋଟ ବଡ଼ ବହୁତ ଦୋକାନ ଲାଗିଥାଏ, ଯେଉଁଠାରେ ମିଠାଇ, ଚାଟ୍, ପକୁଡ଼ି, ଗୁପ୍‌ଚୁପ୍ ଏବଂ ବେଲୁନ ବିକ୍ରି ହୋଇଥାଏ। ମାଟିପାତ୍ର ଓ ଅନ୍ୟାନ୍ୟ ଘରକରଣା ଜିନିଷ ବି ମିଳିଥାଏ।

ପ୍ରାୟତଃ ପିଲାମାନେ ରାମଙ୍କର ଅଭିନୟ ଦେଖିବାକୁ ଭଲ ପାଇଥା'ନ୍ତି। ଏହି ପର୍ବରେ ରାମଲୀଳା ଏକ ନିଆରା ମଜା ଅଟେ। ଏହି ଲୀଳାର ପ୍ରସ୍ତୁତି ପ୍ରଥମରୁ କରାଯାଇଥାଏ। ଏହା କିଛି ଦିନ ପର୍ଯ୍ୟନ୍ତ ଚାଲୁ ରହେ। ରାମାୟଣର ପ୍ରତ୍ୟେକ ଅଧ୍ୟାୟ ଭିନ୍ନଭିନ୍ନ ଦିନରେ ମଂଚସ୍ଥ କରାଯାଇଥାଏ।

**ପ୍ରଶ୍ନ: ୧- ଏହି ଅନୁଚ୍ଛେଦଟି କେଉଁ ମେଳା ବିଷୟରେ ଲେଖାଯାଇଛି ?**

**ଉତ୍ତର:-** ..............................................................................

..............................................................................

ପ୍ରଶ୍ନ:୨- ଦଶହରାରେ ମେଳାପାଇଁ କ'ଣ ପ୍ରସ୍ତୁତ କରାଯାଇଥାଏ ?

ଉତ୍ତର:- ................................................................................

................................................................................

ପ୍ରଶ୍ନ: ୩- ଦୀପାବଳୀ କିପରି ପାଳନ କର ଲେଖ।

ଉତ୍ତର:- ................................................................................

................................................................................

ପ୍ରଶ୍ନ: ୪- ଏହି ପର୍ବ କେଉଁ ବାର୍ତ୍ତା ପ୍ରେରଣ କରିଥାଏ ?

ଉତ୍ତର:- ................................................................................

................................................................................

# କାର୍ଯ୍ୟପତ୍ର - ୧୬

**ଶିକ୍ଷଣ ଫଳାଫଳ :-**

ବିଭିନ୍ନ ବିଷୟରେ ବିଭିନ୍ନ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଶବ୍ଦ, ବାକ୍ୟର ସଂରଚନା, ଆଦିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବ ।

**ଆସ, ଅନୁଚ୍ଛେଦଟିକୁ ପଢ଼ିବା ।**

ପଶ୍ଚିମ ଆକାଶରେ ସୂର୍ଯ୍ୟ ଅସ୍ତ ହୋଇସାରିଥା'ନ୍ତି। ଅନ୍ଧାର ହୋଇ ଆସୁଥାଏ। ହଠାତ୍ ଦଳକାଏ ନିଆଁ ଆକାଶରୁ କ୍ଷିପ୍ର ବେଗରେ ଖସିଆସିଲା। ଏହା ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ ଭାବିଲେ, ଏହା ଆଉ କ'ଣ ହୋଇଥିବ, ଉଲ୍‌କା ପିଣ୍ଡ ନିଶ୍ଚିତ ।

**ପ୍ରଶ୍ନ ନଂ ୧- ପଢ଼ ଓ 'ଷ୍ଟ' ଯୁକ୍ତାକ୍ଷର ଥିବା ଶବ୍ଦଟିକୁ ଲେଖ ।**

(କ) ପଶ୍ଚିମ ଆକାଶରେ ସୂର୍ଯ୍ୟ ଅସ୍ତ ହୋଇସାରିଥା'ନ୍ତି। ......................................

(ଖ) ଲୋକମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ......................................

**ପ୍ରଶ୍ନ ନଂ-୨- ଖାଲି ସ୍ଥାନକୁ 'ଷ୍ଟ' ଯୁକ୍ତାକ୍ଷର ସହ ଠିକ ମାତ୍ରା ଲଗାଇ ପୂରଣ କର।**

ପା............. ତ୍ୟ, ଦୁଃ..........ନ୍ତା, ପ୍ରାୟ.............ତ

**୩. (କ) ଲୋକେ କ'ଣ ଦେଖି ଆଶ୍ଚର୍ଯ୍ୟ ହେଲେ ?**

ଉ-

**(ଖ) ସେମାନେ ନିଆଁକୁ କ'ଣ ହୋଇଥିବ ବୋଲି ଭାବିଲେ ?**

ଉ-

**(ଗ) ଘଟଣାଟି କେଉଁ ସମୟରେ ଘଟିଥିଲା ?**

ଉ-

୪. ନିମ୍ନ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦଗୁଡ଼ିକୁ ବାକ୍ସ ମଧ୍ୟରୁ ବାଛି ଗାର ଟାଣି ଯୋଡ ।

| | |
|---|---|
| ପଶ୍ଚିମ- | ଅନିଶ୍ଚିତ |
| ଅସ୍ତ- | ଆଲୋକ |
| ଅନ୍ଧାର- | ପୂର୍ବ |
| ନିଶ୍ଚିତ- | ଉଦୟ |

୫. ଦିଆଯାଇଥିବା ଚିତ୍ରଆଧାରରେ ସନ୍ଧ୍ୟା ସମୟର ଦୃଶ୍ୟ ବର୍ଣ୍ଣନା କରି ପାଞ୍ଚୋଟି ବାକ୍ୟ ଲେଖ ।



## କାର୍ଯ୍ୟଫର୍ଦ୍ଦ - ୩୫

**ଶିକ୍ଷଣ ଫଳାଫଳ :-**

ଭାଷାର ଗୁଣାତ୍ମକ ପ୍ରତି ଦୃଷ୍ଟି ଦେଇ ନିଜ ଭାଷା ଗଢିବ ଓ ସେଗୁଡିକ ନିଜ ଲିଖନରେ ସାମିଲ କରିବ ।

- ଚିତ୍ର ଦେଖି ଖାଲିଥିବା ଜାଗାରେ ଚିତ୍ର ବିଷୟରେ ଲେଖ ।



.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

ଉପରଲିଖିତ ଅନୁଚ୍ଛେଦରୁ ପାଞ୍ଚଟି ପ୍ରଶ୍ନ ତିଆରି କର ।

.....................................................................................

.....................................................................................

.....................................................................................

.....................................................................................

.....................................................................................

# କାର୍ଯ୍ୟପତ୍ର - ୩୦

**ଶିକ୍ଷଣ ଫଳାଫଳ :-**

**ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢ଼ାଇବ ।**

**ତଳେ ଦିଆଯାଇଥିବା କବିତାଟି ପଢ଼ ।**

ସହଇ କେତେ ଟାଣ ଖରା,
ଝଡ଼ ତୋଫାନ ବର୍ଷା ଧାରା
ମାଘର ହାଡ଼ଭଙ୍ଗା ଶୀତ,
କରିବା ପାଇଁ ଲୋକ ହିତ ।

ପଥିକେ ଦିଏ ଥଣ୍ଡା ଛାଇ,
ଭେଦଭାବକୁ ଭୁଲିଯାଇ ।

ଆମୂଳଚୂଳ ସବୁ ଅଂଶ,
ଅନେକ ରୋଗ କରେ ନାଶ ।

ବୃକ୍ଷ ହିଁ ବର୍ଷାର କାରଣ,
ମୃତ୍ତିକା କରେ ସଂରକ୍ଷଣ ।

**୧. ଆସ, କଥାବାର୍ତ୍ତା ହୋଇ ଲେଖିବା ।**

(କ) ଝଡ଼, ତୋଫାନ, ଖରା, ବର୍ଷା କିଏ ସହିଥାଏ ?

ଉତ୍ତର- ..............................................................

(ଖ) ମାଘ ମାସରେ କି ଭଳି ଶୀତ ହୋଇଥାଏ ?

ଉତ୍ତର- ..............................................................

(ଗ) ବୃକ୍ଷ ପଥିକମାନଙ୍କୁ କ'ଣ ଯୋଗାଇଥାଏ ?

ଉତ୍ତର- ..............................................................

(ଘ) ସେ କ'ଣ ସଂରକ୍ଷଣ କରିଥାଏ ?

ଉତ୍ତର- ..............................................................

**୨. ଯେପରି 'ସହଇ' ରୁ ସହେ' ହୁଏ, ସେହିପରି କ'ଣ ହେବ ଲେଖ ।**

କହଇ.................................................................................

ବହଇ .................................................................................

ବସଇ .................................................................................

ହସଇ.................................................................................

**ପାଦ ପୂରଣ କର-**

୧. ମାଘର ହାଡ଼ଭଙ୍ଗା ଶୀତ - ..................................................................

୨. ବୃକ୍ଷ ହିଁ ବର୍ଷାର କାରଣ - ..................................................................

# କାର୍ଯ୍ୟପତ୍ର - ୩୧

**ଶିକ୍ଷଣ ଫଳାଫଳ :-**

**ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢାଇବ ।**

**ତଳେ ଦିଆଯାଇଥିବା କବିତାଟି ଆବୃତ୍ତି କର ।**

ସଇନିକଟେ ହେବି ମୁହିଁ,
ଦେଶକୁ ସୁରକ୍ଷା ଦେବା ପାଇଁ ।
ରହିବି ସଦା ଜାଗରତ,
ଶତ୍ରୁକୁ କରିବି ନିପାତ ।

ହାତ ଠାରି ଡାକେ ମାଟିମାଆ,
ତା' ଦୁଃଖରେ ଆସି ହେବି ଠିଆ,
ପଛଘୁଞ୍ଚା କେବେ ଦେବି ନାହିଁ ।
ସଇନିକଟେ ହେବି ମୁହିଁ ।

**୧. ପାଦ ପୂରଣ କର ।**

(କ) ସଇନିକଟେ ହେବି ମୁହିଁ ।

................................

(ଖ) ହାତ ଠାରି ଡାକେ ମାଟି ମାଆ

................................

**୨. 'ସଇନିକ' ରୁ 'ସୈନିକ' ହେବାପରି କ'ଣ ହେବ ଲେଖ ।**

ଦଇନିକ ............. ନଇତିକ................ ବଇଠକ..............

**୩. ଆସ, କଥା ହେବା ଓ ଲେଖିବା ।**

(କ) ମୁଁ ସୈନିକ ହେଲେ କ'ଣ କରିବି ?

ଉତ୍ତର:...............................................

(ଖ) କେଉଁ କାମରେ ସୈନିକ ପଛଘୁଞ୍ଚା ଦିଏ ନାହିଁ ?

ଉତ୍ତର:...............................................

୪. ବଡ଼ ହେଲେ ତୁମେ ଦେଶ ପାଇଁ କ'ଣ ଭଲ କାମ କରିବ, ପାଞ୍ଚଟି ବାକ୍ୟରେ ଲେଖ ।

..........................................................................................................................

..........................................................................................................................

..........................................................................................................................

..........................................................................................................................

..........................................................................................................................

# କାର୍ଯ୍ୟଫର୍ଦ୍ଦ - ୪୧

**ଶିକ୍ଷଣ ଫଳାଫଳ :-**

**ଭିନ୍ନଭିନ୍ନ ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦଗୁଡିକୁ ବୁଝି ସେଗୁଡିକୁ ଲେଖାରେ ବ୍ୟବହାର କରିବ ।**

**(କ) ପ୍ରତ୍ୟେକ ବାକ୍ୟ ତଳେ ତିନୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥିରୁ ଠିକ୍ ଉତ୍ତରକୁ ବାଛି ଲେଖ ।**

୧. ଦୁଃଖରେ ଲୋକଟିର ................. ରୁ ଲୁହ ଝରି ପଡ଼ିଲା ।
- କ. ନାସା
- ଖ. ଚକ୍ଷୁ
- ଗ. କର୍ଣ୍ଣ

୨. ପୂର୍ବ ଦିଗରେ ................. ଉଦୟ ହୁଅନ୍ତି ।
- କ. ରବି
- ଖ. ଗିରି
- ଗ. ବାରି

୩. ପର୍ବତରୁ ................. ବାହାରିଥାଏ
- କ. କୁସୁମ
- ଖ. ନଦୀ
- ଗ. ପୁଷ୍ପ

୪. ବୃକ୍ଷଟି ............. ମାନଙ୍କ କଳକଳ ରାବରେ ମୁଖରିତ ।
- କ. ସୁମନ
- ଖ. ବିହଗ
- ଗ. ସମୀର

**(ଖ) 'କ' ସ୍ତମ୍ଭର ଶବ୍ଦ ସହ ସମାନ ଅର୍ଥବୋଧକ ଶବ୍ଦକୁ 'ଖ' ସ୍ତମ୍ଭରୁ ବାଛି ଗାର ଟାଣି ଯୋଡ଼ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସୂର୍ଯ୍ୟ | କୁସୁମ |
| ସମୁଦ୍ର | ବିହଗ |
| ନଦୀ | ନଭ |
| ଆକାଶ | ତଟିନୀ |
| ପକ୍ଷୀ | ରବି |
| ଫୁଲ | ସାଗର |
| ମାଟି | ମୃତ୍ତିକା |

(ଗ) ଫୁଲ, ପର୍ବତ, ପକ୍ଷୀ, ମେଘ ଏବଂ ପୃଥିବୀର ଆଉ ଦୁଇଟି ଲେଖାଏଁ ନାମ ଲେଖ।

ଫୁଲ ......................................................................................................

ପର୍ବତ ......................................................................................................

ପକ୍ଷୀ ......................................................................................................

ମେଘ ......................................................................................................

# କାର୍ଯ୍ୟପତ୍ର - ୪୨

## ଆକଳନ-୨

ଠିକ୍ ଉତ୍ତରଟି ବାଛି ତା'ପାଖରେ ଠିକ୍ ଚିହ୍ନ (✓) ଦିଅ ।

**ପ୍ରଶ୍ନ ନଂ-୧. ପର୍ବତରୁ ........ ବାହାରିଥାଏ ।**

(କ) କୁସୁମ (ଖ) ନଦୀ (ଗ) ବୃକ୍ଷ (ଘ) ପୋଖରୀ

**ପ୍ରଶ୍ନ ନଂ-୨. ଦୁଃଖରେ ଲୋକଟିର .......... ରୁ ଲୁହ ଝରି ପଡ଼ିଲା**

(କ) ନାସା (ଖ) ଚକ୍ଷୁ (ଗ) କର୍ଣ୍ଣ (ଘ) ପାଟି

**ପ୍ରଶ୍ନ ନଂ-୩. ନିମ୍ନୋକ୍ତ ମଧ୍ୟରୁ କେଉଁଟି ପୃଥିବୀର ଅନ୍ୟନାମ ଅଟେ ?**

(କ) ଧରଣୀ (ଖ) ଭଗିନୀ (ଗ) ରବି (ଘ) ଆକାଶ

**ପ୍ରଶ୍ନ ନଂ-୪. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଠିକ୍ ଶବ୍ଦ ?**

(କ) କନ୍ଧୁବ (ଖ) ବନ୍ଦର (ଗ) ରସୁନ୍ଦ (ଘ) ସନନ୍ଧା

**ପ୍ରଶ୍ନ ନଂ-୫. ଯେପରି ଶୀତରୁ ଶୀତୁଆ ହୁଏ, ସେପରି ପାଠରୁ ........... ହୁଏ ।**

(କ) ପାଠିଆ (ଖ) ପାଠୁଆ (ଗ) ପଠୁଆ (ଘ) ପିଠିଆ

**ପ୍ରଶ୍ନ ନଂ-୬. ସଇନିକଟେ ହେବି ମୁହିଁ**

................. ................. ................. ................. .................

**ପାଦ ପୂରଣ ପାଇଁ କେଉଁଟି ଠିକ୍ ?**

(କ) ବାଡ଼ିରେ ଚାଷ କରିବି ଯାଇ (ଖ) ପୋଖରୀରୁ ମାଛ ଧରିବି ମୁହିଁ

(ଗ) ଦେଶକୁ ସୁରକ୍ଷା ଦେବା ପାଇଁ (ଘ) ବିଦ୍ୟାଳୟକୁ ଯିବି ମୁଁ ଧାଇଁ

**ଅନୁଚ୍ଛେଦଟି ପଢି ଠିକ୍ ଉତ୍ତର ଦିଅ ।**

ଯୁବକ ଜଣକ ରାସ୍ତାର ଆରପଟକୁ ଲକ୍ଷ୍ୟକଲେ । ଦେଖିଲେ ଜଣେ ବୃଦ୍ଧ ବ୍ୟକ୍ତି ଥମ୍ପସନଙ୍କ ଡାକରେ ଅଟକି ଯାଇଛନ୍ତି । କୁକୁର ବେକରେ ବନ୍ଧା ହୋଇଥିବା ବେଲ୍ଟଟିକୁ ଧରିଛନ୍ତି । କୁକୁରଟି ତାଙ୍କ ଆଗରେ ଠିଆ ହୋଇଛି ଏବଂ ମାଲିକର ନିର୍ଦ୍ଦେଶକୁ ଚାହିଁ ରହିଛି ।

**ପ୍ରଶ୍ନ ନଂ-୭. ଅନୁଚ୍ଛେଦଟିରେ କେଉଁ ପଶୁ ବିଷୟରେ କୁହାଯାଇଛି ।**

(କ) ବାଘ (ଖ) ବିରାଡି (ଗ) କୁକୁର (ଘ) ମାଙ୍କଡ

**ପ୍ରଶ୍ନ ନଂ-୮. କୁକୁର ବେକରେ କଣ ବନ୍ଧାଯାଇଥିବାର ଅନୁଚ୍ଛେଦରେ କୁହାଯାଇଛି ?**

(କ) ସୂତା (ଖ) ବେଲ୍ଟ (ଗ) ଦଉଡି (ଘ) କନା

**ପ୍ରଶ୍ନ ନଂ-୯. କୁକୁରଟି କାହା ନିର୍ଦ୍ଦେଶକୁ ଅପେକ୍ଷା କରିଥିଲା ?**

(କ) ମାଲିକ (ଖ) ଚାକର (ଗ) ବୃଦ୍ଧ (ଘ) ଥମ୍ପସନ୍

**ପ୍ରଶ୍ନ ନଂ-୧୦. ନିମ୍ନୋକ୍ତ ଶବ୍ଦଗୁଡିକ ମଧ୍ୟରୁ କେଉଁଟି କ୍ରିୟାପଦ ନୁହେଁ ।**

(କ) ଲକ୍ଷ୍ୟକଲେ (ଖ) ଅଟକିଲେ (ଗ) ଧରିଲେ (ଘ) ମାଲିକ

# ବର୍ଷର ଅବଶିଷ୍ଟ ସମୟ ପାଇଁ

# କାର୍ଯ୍ୟପର୍ଦ୍ଧ - ୨୪

**ଶିକ୍ଷଣ ଫଳାଫଳ :-**

ଗପ, କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବ ଓ ସେଥିରେ ନିଜଗପ କଥାକୁ ଯୋଡ଼ିବ ।

- ଆସ ଲେଖିବା -

| ନିଜ ମା ବିଷୟରେ | ନିଜ ପ୍ରିୟ ଶିକ୍ଷକଙ୍କ ବିଷୟରେ |
| --- | --- |
| | |

| ନିଜର ପ୍ରିୟ ଖେଳ ବିଷୟରେ | ନିଜ ଭଉଣୀ ବିଷୟରେ |
| --- | --- |
| | |

**ଶିକ୍ଷଣ ଫଳାଫଳ :-**

## କାର୍ଯ୍ୟପତ୍ର - ୨

**ବିଭିନ୍ନ ବିଷୟରେ ବିଭିନ୍ନ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଶବ୍ଦ, ବାକ୍ୟର ସଂରଚନା ଆଦିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବ ।**

### (କ) ତଳେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ ।

ସ୍ୱାଧୀନତା ଆନ୍ଦୋଳନ ସମୟର କଥା । ସଭାସ୍ଥଳରେ ଅନେକ ଲୋକ ରୁଣ୍ଡ ହୋଇଥା'ନ୍ତି । ପରସ୍ପର କଥାବାର୍ତ୍ତା ହେଉଥା'ନ୍ତି । ବକ୍ତା ମଞ୍ଚ ଉପରକୁ ଉଠିଲେ । ତାଙ୍କ ବଳିଷ୍ଠ ଚେହେରା, ଗୌରବର୍ଣ୍ଣ, ନିରାଡ଼ମ୍ବର ବେଶଭୂଷା ସମସ୍ତଙ୍କୁ ଆକୃଷ୍ଟ କଲା । ବକ୍ତା ଅଳ୍ପ କ୍ଷଣପାଇଁ ସଭାର ଉଦ୍ଦେଶ୍ୟ ସଂପର୍କରେ ଭାଷଣ ଦେଇ ମଞ୍ଚରୁ ଓହ୍ଲାଇଲେ / ସଭାରେ ଗୁଞ୍ଜରଣ ସୃଷ୍ଟି ହେଲା । ତାଙ୍କ କଥାରେ ଉଦ୍‌ବୁଦ୍ଧ ହୋଇ ଲୋକେ ଆନ୍ଦୋଳନରେ ଝାସ ଦେବା ପାଇଁ ପ୍ରତିଜ୍ଞା କଲେ ।

ଏହି ବକ୍ତାଜଣକ ଆଉ କେହି ନୁହନ୍ତି । ଆମର ଅତି ପରିଚିତ ଜାତିର ଜନକ ମହାତ୍ମା ଗାନ୍ଧୀ ।

### (ଖ) ତଳ ଶବ୍ଦଗୁଡ଼ିକୁ ପଢ଼ ଓ ଲେଖ ।

| | | | | | | |
|---|---|---|---|---|---|---|
| ଟଙ୍କା | ଶଙ୍ଖା | ଡଙ୍ଗା | ଜଘ | ବାଞ୍ଛା | ପଞ୍ଝା | ଥଣ୍ଟ |
| ଆଣ୍ଠୁ | ମେଣ୍ଢା | ଯନ୍ତା | ପେନ୍ଥା | ନନ୍ଦ | ବନ୍ଧ | କମ୍ପ |
| ଲମ୍ଫ | ଆମ୍ବ | ସ୍ତମ୍ଭ | ଉତ୍କଳ | ଉତ୍ସାହ | ସ୍ୱଷ୍ଟ | ଯନ୍ତ୍ର |

### (ଗ) "ମୋ ଜୀବନର ଅଭୁଲା କଥା" ପାଠରୁ ତଳଲିଖିତ ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦଗୁଡ଼ିକୁ ଖୋଜି ଲେଖ ।

| | | | |
|---|---|---|---|
| ଙ୍କ- | ଦ୍ଧ- | ମ୍ଭ- | ଷ୍କ- |
| ଙ୍ଗ- | ଷ୍ଟ- | ନ୍ତ- | ସ୍କ- |
| ଙ୍ଘ- | ତ୍ତ- | | |

### (ଘ) ମହାତ୍ମା ଗାନ୍ଧୀଙ୍କ ବିଷୟରେ ଆଉ ଜାଣିଥିବା କଥା ଲେଖ ।

.............................................................................................

.............................................................................................

.............................................................................................

**ଶିକ୍ଷକଙ୍କପାଇଁ ସୂଚନା**

ଶିକ୍ଷକ ଶିକ୍ଷଣ କାର୍ଯ୍ୟ ୨ରେ ଥିବା ଅନୁଚ୍ଛେଦଟିର ଆଦର୍ଶ ପଠନ କରିବେ ଓ ପିଲାଙ୍କୁ ଉଚ୍ଚପଠନରେ ନୀରବ ପଠନ କରାଇବେ । ଶିକ୍ଷଣକାର୍ଯ୍ୟଗୁଡିକର ସୂଚନା ଅନୁସାରେ ପିଲାଙ୍କୁ କାର୍ଯ୍ୟ କରାଇବା ସହିତ ଦଳର ସଂଶୋଧନ କାର୍ଯ୍ୟ କରାଇବେ । ଦରକାରୀ ଉପକରଣ ଭାବେ ଫ୍ଲାସ୍‌କାର୍ଡ, ଶବ୍ଦକାର୍ଡ, ବ୍ୟବହାର କରିବେ । ପିଲାମାନେ ଅନୁଚ୍ଛେଦରୁ ତଥା ବହି ମଧ୍ୟରୁ ଯୁକ୍ତାକ୍ଷରଯୁକ୍ତ ଶବ୍ଦ କହିବେ, ପଢିବେ ଓ ଲେଖିବେ ।

# କାର୍ଯ୍ୟପତ୍ର - ୩

**ଶିକ୍ଷଣ ଫଳାଫଳ :-**

**ଗପ, କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବେ ଓ ସେଥିରେ ନିଜର ଗପ, କବିତା ଆଦି ଯୋଡ଼ିବେ ।**

**ନିମ୍ନଲିଖିତ କବିତାଟି ପଢ଼ ।**

ନାମ ଥିଲା ତାଙ୍କ ସୁଭାଷ ବୋଷ
ନେତାଜୀ ନାମରେ ଖ୍ୟାତ,
କଟକ ସହର ଓଡ଼ିଆ ବଜାରେ
ହୋଇଥିଲେ ସିଏ ଜାତ ।
ଦେଶକୁ ସ୍ୱାଧୀନ କରିବା ପାଇଁକି
ଆନ୍ଦୋଳନେ ଦେଲେ ଯୋଗ,
ଗୁରୁ ହେଲେ ତାଙ୍କ ବାଳ ଗଙ୍ଗାଧର
ଛାଡ଼ିଲେ ଚାକିରି ଭୋଗ ।
ଦେଶମୁକ୍ତିପାଇଁ ସଂଗ୍ରାମ କରିବା
ପାଇବା ନୂଆ ଜୀବନ,
ଦିଅ ତୁମ ରକ୍ତ ଦେବି ସ୍ୱାଧୀନତା
ଥିଲା ତାଙ୍କର ଆହ୍ୱାନ ।

**୧. ପାଦ ପୂରଣ କର ।**

(କ) ଦେଶକୁ ସ୍ୱାଧୀନ କରିବା ପାଇଁ

..........................................................................................

(ଖ) ..........................................................................................

ପାଇବା ନୂଆ ଜୀବନ ।

(ଗ) କଟକ ସହର ଓଡ଼ିଆ ବଜାରେ

..........................................................................................

(ଘ) ..........................................................................................

ଥିଲା ତାଙ୍କର ଆହ୍ୱାନ ।

ନେତାଜୀ ସୁଭାଷ ବୋଷଙ୍କ ବିଷୟରେ ଜଣିଥିବା କଥା ନିଜ ଭାଷାରେ ଲେଖ ।

..........................................................................................................

..........................................................................................................

## ଶିକ୍ଷକଙ୍କପାଇଁ ସୂଚନା

ଶିକ୍ଷକ କାର୍ଯ୍ୟପର୍ଦ୍ଦ ୩ ଓ୪ କୁ ସୁନ୍ଦରଭାବେ ଆବୃତ୍ତି କରିବା ସହିତ ପିଲାଙ୍କୁ ମଧ୍ୟ ସ୍ୱର, ତାଳ, ଲୟ ଦେଇ ଆବୃତ୍ତି କରାଇବେ ।

ନିଜେ ଗୋଟିଏ ପାଦ ବୋଲି ଅନ୍ୟ ପାଦଟିକୁ ପିଲାଙ୍କୁ ବୋଲିବାକୁ କହିବେ ।

ସମସ୍ତ ପିଲା ଆବୃତ୍ତିରେ ଅଂଶଗ୍ରହଣ କରିବା ନିଶ୍ଚିତ ହେବେ ।

ଦରକାରୀ ଉପକରଣ ଭାବେ ନିଜ ଅଭିଜ୍ଞତା ଓ ପୁରୁଣା ଗୀତ, କବିତା ସଂଗ୍ରହ କରି ସେଗୁଡ଼ିକର ବ୍ୟବହାର କରିବେ ।

ପିଲାମାନେ କବିତା ଆବୃତ୍ତି କରି ଆନନ୍ଦିତ ହେବେ, ପାଦ ପୂରଣ କରି ଗାଇବେ । ପାଦ ପୂରଣ କରି ଲେଖିବେ ।

**ଶିକ୍ଷଣ ଫଳାଫଳ :-**

## କାର୍ଯ୍ୟପତ୍ର - ୧୦

ଶୁଣିଥିବା କଥା କିମ୍ବା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନ ଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।

**ଆସ, ତଳେ ଦିଆଯାଇଥିବା ଗଳ୍ପଟିକୁ ପଢ଼ିବା ।**

ଆଗ କାଳରେ ବାଘ ଓ ବିଲେଇ ବଣରେ ରହୁଥିଲେ। ବଣର ପଶୁମାନେ ବାଘକୁ ମାମୁ ଓ ବିଲେଇକୁ ମାଉସୀ ବୋଲି ଡାକୁଥିଲେ। ଦିନେ ବାଘମାମୁର ପୁଅ ବାହାଘରକୁ ବଣର ସବୁ ପଶୁ ଆସିଥିଲେ। ଏହି ଭୋଜିରେ ଭାଲୁକୁ ମାଂସ, ବିଲେଇକୁ ମାଛ, ହରିଣକୁ ଶାଗ ଜଗିବା ପାଇଁ କୁହାଯାଇଥିଲା। ମାଛ ଦେଖି ବିଲେଇର ଲୋଭ ବଢିଗଲା। ସେ ଗୋଟିଏ ପରେ ଗୋଟିଏ ମାଛ ଚାଖୁଚାଖୁ ଖାଇଦେଲା। ଠେକୁଆ ବୁଲିବୁଲି ସବୁ ତଦାରଖ କରୁଥାଏ। ସେ ବିଲେଇ ପାଖକୁ ଆସି ଦେଖେ ତ କିଛି ମାଛ ନାହିଁ। ସେ ବିଲେଇକୁ ପଚାରିଲା, "ମାଉସୀ, ମାଛ ସବୁ କୁଆଡ଼େ ଗଲା ?" ବିଲେଇ ଡରିଡରି କହିଲା, ସବୁ ମାଛ ଚାଖୁଚାଖୁ ଚାଖି ଦେଇଛି। ଠେକୁଆ କହିଲା, " ତୁ ଶୀଘ୍ର ଏ ଜାଗା ଛାଡ଼ି ପଳା ନ ହେଲେ ବାଘମାମୁ ତୋତେ ମାରିଦେବ।" ବିଲେଇ ବାଘ ଭୟରେ ଜାଗା ଛାଡ଼ି ଗାଁକୁ ପଳାଇଲା। ସେହିଦିନ ଠାରୁ ବିଲେଇ ମାଉସୀ ଗାଁରେ ରହେ, ବଣର ସୀମା ମାଡ଼େ ନାହିଁ।

**୧. ଆସ, ଚାଖୁ ଚାଖୁ ପରି ଆଉ କେତୋଟି ଶବ୍ଦ ଲେଖିବା ।**

......................, ................., .................,...........

**୨. ଆସ କଥା ହେବା ଓ ଲେଖିବା।**

କ. ଗପରେ ମାମୁ, ମାଉସୀ ବୋଲି କାହାକୁ କୁହାଯାଇଛି ?

ଉତ୍ତର.............................................................

.................................................................

ଖ. ଭାଲୁକୁ କେଉଁ ଦାୟିତ୍ୱ ଦିଆଯାଇଥିଲା ?

ଉତ୍ତର...............................................................

ଗ. ଠେକୁଆ ବିଲେଇକୁ କ'ଣ କହିଲା ?

ଉତ୍ତର...............................................................

....................................................................

**୩. ଅନୁଚ୍ଛେଦଟିରେ ଉପଯୁକ୍ତ ବିରାମ ଚିହ୍ନ ଦିଅ**

ଆଗକାଳରେ ବାଘ ଓ ବିଲେଇ ବଣରେ ରହୁଥିଲେ ବଣର ପଶୁମାନେ ବାଘକୁ ମାମୁ ଓ ବିଲେଇକୁ ମାଉସୀ ବୋଲି ଡାକୁଥିଲେ ଦିନେ ବାଘ ମାମୁର ପୁଅ ବାହାଘରକୁ ବଣର ସବୁ ପଶୁ ଆସିଥିଲେ ଏହି ଭୋଜିରେ ଭାଲୁକୁ ମାଂସ ବିଲେଇକୁ ମାଛ ଓ ହରିଣକୁ ଶାଗ ଜଗିବା ପାଇଁ କୁହାଯାଇଥିଲା।

**ଶିକ୍ଷଣ ଫଳାଫଳ :-**

## କାର୍ଯ୍ୟପତ୍ର - ୧୧

**ଶୁଣିଥିବା କଥା କିମ୍ବା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନ ଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।**

**ତଳେ ଦିଆଯାଇଥିବା ଗଳ୍ପଟିକୁ ପଢ଼ ଓ ମନେରଖ ।**

ଶରଧାପୁର ଗାଁରେ ଚଗଲାର ଘର । ନାମ ଯେମିତି କାମ ବି ସେମିତି । ସବୁବେଳେ ଚଗଲାମି କରିକରି ଦିନ ଗଡ଼ାଇଦିଏ । ଏଥିପାଇଁ ଘରେ ମାଡ଼ଗାଳି ଖାଏ । ଦିନକର କଥା । ସ୍କୁଲ ଛୁଟିପରେ ଚଗଲା ଘରକୁ ଯାଉଥାଏ । ଦେଖିଲା, ଦୃଷ୍ଟିହୀନ ଲୋକଟିଏ ରାସ୍ତାକଡ଼ ଖାଲରେ ପଡ଼ିଯାଇଛି । ଚଗଲା ତା'କୁ ଖାଲରୁ ଉଠାଇଲା । ତା'ର ବାଡ଼ି ଓ ଧରିଥିବା ମୁଣାଟିକୁ ହାତରେ ଧରାଇଦେଲା । ଏହି ସମୟରେ ଶିକ୍ଷକ ସେହି ବାଟଦେଇ ଯାଉଥିଲେ । ଦୃଷ୍ଟିହୀନ ଲୋକଟି ଚଗଲାର ମୁଣ୍ଡ ଆଉଁଶି ଆଶୀର୍ବାଦ କରୁଥିବାର ଦେଖିଲେ । ଚଗଲାକୁ ତା'ର କାମପାଇଁ ଧନ୍ୟବାଦ ଦେଇ ନିଜ ରାସ୍ତାରେ ଚାଲିଗଲେ । ପରଦିନ ପ୍ରାର୍ଥନା ସଭାରେ ଚଗଲା ବିଷୟରେ ଗୁରୁଜୀ ସବୁପିଲାଙ୍କୁ କହିଲେ । ସମସ୍ତେ ତାକୁ ବାଃବାଃ କଲେ, ତାଳି ଦେଇ ଧନ୍ୟବାଦ ଜଣାଇଲେ । ସେହିଦିନଠାରୁ ସେ ଆଉ ସ୍କୁଲରେ ଚଗଲାମି ନକରି ମନ ଦେଇ ପାଠ ପଢ଼ିଲା । ବଡ ହୋଇ ଜିଲ୍ଲାପାଳ ହେଲା ।

**୧. ଆସ ଉତ୍ତର କହିବା ଓ ଲେଖିବା ।**

କ ଚଗଲାର ଘର କେଉଁ ଗାଁରେ ?

..................................................................

ଖ ସେ ଦୃଷ୍ଟିହୀନ ଲୋକଟିକୁ କିପରି ସାହାଯ୍ୟ କଲା ?

..................................................................

..................................................................

ଗ ପ୍ରାର୍ଥନା ସଭାରେ ଗୁରୁଜୀ କ'ଣ କଲେ ?

..................................................................

..................................................................

**୨. ବାକ୍ୟର ଅଧା ଅଂଶକୁ ପୂରଣ କରି ଲେଖ ।**

କ. ସ୍କୁଲ ଛୁଟି ପରେ ଚଗଲା.........................................................

ଖ. ଦୃଷ୍ଟିହୀନ ଲୋକଟି ଚଗଲାର ମୁଣ୍ଡ ଆଉଁଶି ...........................................

ଗ. ପରଦିନ ପ୍ରାର୍ଥନା ସଭାରେ.........................................................

ଘ. ସମସ୍ତେ ତା'କୁ ବାଃବାଃ କଲେ; ...................................................

**୩. ତୁମ ଶ୍ରେଣୀର ଜଣେ ପିଲା ପଡ଼ିଯାଇ ତା' ଗୋଡ଼ ଖଣ୍ଡିଆ ହୋଇ ରକ୍ତ ବାହାରିଲେ ତୁମେ କ'ଣ କରିବ ?**

..........................................................................................

..........................................................................................

..........................................................................................

# କାର୍ଯ୍ୟପତ୍ର - ୧୨

**ଶିକ୍ଷଣ ଫଳାଫଳ :-**

**ଶୁଣିଥିବା କଥା କିମ୍ବା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।**

**(କ) ଅନୁଚ୍ଛେଦଟି ମନେମନେ ପଢ଼ି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

ଗାଁ ନାଁ କହ୍ନେଇପୁର । ପୁରନ୍ଦର ସେହି ଗାଁର ବାସିନ୍ଦା । ନଦୀବନ୍ଧ କଡ଼ରେ ତାଙ୍କ ଘର । ସମ୍ପତ୍ତି ବୋଲି କିଛି ନାହିଁ । ପରିବା ବିକି ସେ କୁଟୁମ୍ବ ପୋଷନ୍ତି । ପୁଅ ରତ୍ନାକର ଗାଁ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢ଼େ । ପାଠ ପଢ଼ି ଭଲ ମଣିଷଟିଏ ହେବାକୁ ସେ ସ୍ୱପ୍ନ ଦେଖେ । ବାପାଙ୍କର ଅର୍ଥବଳ ନାହିଁ ସିନା, ମାତ୍ର ସେ ବୁଝିଛି, ଆନ୍ତରିକ ଉଦ୍ୟମ ଓ କର୍ମରେ ନିଷ୍ଠା ରଖିଲେ ଜୀବନରେ ସବୁ ବାଧାବିଘ୍ନକୁ ଏଡ଼ାଇ ଦେଇ ହେବ । ତା'ର ଲକ୍ଷ୍ୟ, ବଡ଼ ହେଲେ ଡାକ୍ତରଟିଏ ହେବ । ଦୁଃଖୀ ଓ ରୋଗୀଙ୍କୁ ଚିକିତ୍ସା ଯୋଗାଇଦେବ ।

ଦିନ ଆସିଲା ରତ୍ନାକର ଜଣେ ଭଲ ଡାକ୍ତର ହେଲା । ଗାଁ ପାଇଁ ରତ୍ନ ପାଲଟିଲା । ଲୋକେ କହିଲେ ।- "ଆମ ଗାଁର ରତ୍ନ ରତ୍ନାକର" । ତେଣୁ ଗାଁ ଲୋକେ ତାର ମଙ୍ଗଳ ପାଇଁ ଗ୍ରାମ ଦେବତାଙ୍କୁ ପ୍ରାର୍ଥନା କଲେ ।

୧. (କ) ପୁରନ୍ଦରଙ୍କର ଗାଁର ନାମ କ'ଣ ଥିଲା ?

ଉ-

(ଖ) ରତ୍ନକାର କ'ଣ ସ୍ୱପ୍ନ ଦେଖୁଥିଲା ?

ଉ-

(ଗ) ସେ ଡାକ୍ତର ହୋଇ କ'ଣ କରିବ ବୋଲି ଭାବିଲା ?

ଉ-

(ଘ) ତା'ର ମଙ୍ଗଳ ପାଇଁ ଗାଁ ଲୋକେ କ'ଣ କଲେ ?

ଉ-

**୨. ଖାଲି ସ୍ଥାନରେ ଠିକ୍ ଶବ୍ଦଟି ଲେଖ ।**

(କ) ଗାଁ ର ନାଁ.................................................... ।

(ଖ) ପୁରନ୍ଦର ..............................ବିକି କୁଟୁମ୍ବ ପୋଷନ୍ତି ।

(ଗ) ରତ୍ନାକର..............................ଶ୍ରେଣୀରେ ପଢେ ।

(ଘ) ତା'ର ଲକ୍ଷ୍ୟ, ବଡ଼ ହେଲେ ଜଣେ....................ହେବ ।

# କାର୍ଯ୍ୟଫର୍ଦ୍ଦ - ୩୦

**ଶିକ୍ଷଣ ଫଳାଫଳ :-**

ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢାଇବ ।

**(କ) ତଳଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।**

ସମ୍ପତ୍ତି.............................................................................

ଭଲ.................................................................................

ବଡ଼.................................................................................

ମଙ୍ଗଳ..............................................................................

ଦିନ.................................................................................

**(ଖ) ବିରାମ ଚିହ୍ନ ଦେଇ ତଳ ବାକ୍ୟଟିକୁ ଲେଖ ।**

ବାପାଙ୍କର ଅର୍ଥବଳ ନାହିଁ ସିନା ମାତ୍ର ସେ ବୁଝିଛନ୍ତି ଆନ୍ତରିକ ଉଦ୍ୟମ ଓ କର୍ମରେ ନିଷ୍ଠା ରଖିଲେ ଜୀବନରେ ସବୁ ବାଧାବିଘ୍ନକୁ ଏଡାଇ ଦେଇ ହେବ ।

**(ଗ) ପୂର୍ବ ପୃଷ୍ଠାର ଅନୁଚ୍ଛେଦରୁ 'ନ- ଫଳା' ଥିବା ଶବ୍ଦ ବାଛି ଲେଖ ।**

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

.....................................................................................

# କାର୍ଯ୍ୟପତ୍ର - ୨୫

**ଶିକ୍ଷଣ ଫଳାଫଳ :-**

ଭିନ୍ନଭିନ୍ନ ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦଗୁଡ଼ିକୁ ବୁଝି ସେଗୁଡ଼ିକୁ ଲେଖାରେ ବ୍ୟବହାର କରିବ ।

**ଆସ ଅନୁଚ୍ଛେଦଟିକୁ ପଢ଼ିବା ।**

ଅନେକ ଦିନ ତଳର କଥା । ଅଯୋଧ୍ୟାରେ ସୂର୍ଯ୍ୟବଂଶର ରାଜା ଦଶରଥ ଶାସନ କରୁଥିଲେ । ତାଙ୍କର ତିନିରାଣୀ ଓ ଚାରିପୁତ୍ର ଥିଲେ । ଜ୍ୟେଷ୍ଠାରାଣୀ କୌଶଲ୍ୟାଙ୍କଠାରୁ ରାମଚନ୍ଦ୍ର, ମଧ୍ୟମା କୈକେୟୀଙ୍କଠାରୁ ଭରତ ଓ କନିଷ୍ଠା ସୁମିତ୍ରାଙ୍କଠାରୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମଲାଭ କରିଥିଲେ । ରାମଚନ୍ଦ୍ର ମିଥିଳାର ରାଜା ଜନକଙ୍କ କନ୍ୟା ସୀତାଙ୍କୁ ସ୍ୱୟମ୍ବରରେ ଶିବଧନୁ ଭଙ୍ଗକରି ବିବାହ କରିଥିଲେ । ଦଶରଥ ବାର୍ଦ୍ଧକ୍ୟ ହେତୁ ରାମଚନ୍ଦ୍ରଙ୍କୁ ରାଜାରୂପେ ଅଭିଷିକ୍ତ କରିବାକୁ ଚାହୁଁଥିବା ବେଳେ କୈକେୟୀ ଚକ୍ରାନ୍ତ କଲେ । ଭରତଙ୍କୁ ରାଜାକରି ରାମଚନ୍ଦ୍ରଙ୍କୁ ଚଉଦବର୍ଷ ପାଇଁ ବନବାସରେ ପଠାଇବାକୁ ବାଧ୍ୟ କଲେ । ରାମଙ୍କୁ ଯିଏ ଯେତେ ବୁଝାଇଲେ ମଧ୍ୟ ପିତୃସତ୍ୟ ପାଳନ ନିମନ୍ତେ ବନଗମନ କଲେ । ତାଙ୍କ ସହିତ ସହଧର୍ମିଣୀ ଜନକନନ୍ଦିନୀ ସୀତା ଓ ଆଜ୍ଞାବହଅନୁଜ ଲକ୍ଷ୍ମଣ ମଧ୍ୟ ବନଗମନ କରିଥିଲେ ।

**(ଖ) ଅନୁଚ୍ଛେଦଟିକୁ ନୀରବରେ ପଢ଼ ଓ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

( ୧ ) ଦଶରଥ କେଉଁ ବଂଶର ରାଜା ?

ଉ.......................................................................................

( ୨ ) ତାଙ୍କ ରାଣୀମାନଙ୍କ ନାମ କ'ଣ ?

ଉ.......................................................................................

(୩) ରାମଚନ୍ଦ୍ର କିପରି ସୀତାଙ୍କୁ ବିବାହ କରିଥିଲେ ?

ଉ.......................................................................................

( ୪ ) ଦଶରଥ କାହିଁକି ରାମଚନ୍ଦ୍ରଙ୍କୁ ରାଜା କରିବାକୁ ଚାହୁଁଥିଲେ ?

ଉ.......................................................................................

(ଡ) ରାମଚନ୍ଦ୍ରଙ୍କ ସହିତ କିଏକିଏ ବଣକୁ ଯାଇଥିଲେ ?

ଉ.....................................................................................

**(ଗ) ଅନୁଚ୍ଛେଦରୁ ଯୁକ୍ତାକ୍ଷର ଥିବା ଶବ୍ଦଗୁଡ଼ିକୁ ବାଛି ଲେଖ।**

.....................................................................................

.....................................................................................

.....................................................................................

**ଶିକ୍ଷକଙ୍କପାଇଁ ସୂଚନା**

ଶିକ୍ଷକ କାର୍ଯ୍ୟଫର୍ଦ୍ଦ ୨୫ ଠାରୁ ୨୮ରେ ଥିବା ସୂଚନାକୁ ଭଲଭାବରେ ପଢନ୍ତୁ । ବିଭିନ୍ନ ନୂତନ ଶବ୍ଦ ସମ୍ପର୍କରେ ପିଲାଙ୍କ ସହିତ ଆଲୋଚନା କରିବେ । ଶବ୍ଦକୋଷ ଆଣି ପିଲାଙ୍କୁ ନୂତନ ଶବ୍ଦର ଅର୍ଥ ବାହାରକରିବାର କୌଶଳ ଶିଖାଇବେ । ଦରକାରୀ ଉପକରଣ ଭାବେ ବହି ଓ ବାହାରୁ ନୂତନ ଶବ୍ଦ ସଂଗ୍ରହ କରି ଶବ୍ଦକାର୍ଡ ଆଣିବା ସହିତ ଶବ୍ଦକୋଷର ବ୍ୟବହାର କରିବେ । ପିଲାଏ ନୂତନ ଶବ୍ଦ ଗଠନ, ଶବ୍ଦକୋଷର ବ୍ୟବହାର କରି ତାହାର ଅର୍ଥ କହିବେ, ପଢିବେ ଓ ଲେଖିବେ ।

# କାର୍ଯ୍ୟପତ୍ର - ୨୮

**ଶିକ୍ଷଣ ଫଳାଫଳ :-**

ଭିନ୍ନଭିନ୍ନ ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦଗୁଡ଼ିକୁ ବୁଝି ସେଗୁଡ଼ିକୁ ଲେଖାରେ ବ୍ୟବହାର କରିବ ।

**(କ) ପୂର୍ବ ପୃଷ୍ଠାରେ ଥିବା ଅନୁଚ୍ଛେଦଟିକୁ ପଢ଼ି ନିମ୍ନ ଶବ୍ଦଗୁଡ଼ିକର ଅର୍ଥ ଲେଖ।**

ଜ୍ୟେଷ୍ଠ –

ମଧ୍ୟମ –

କନିଷ୍ଠ –

କନ୍ୟା –

ହେତୁ –

ଚକ୍ରାନ୍ତ –

ସହଧର୍ମିଣୀ –

ଅନୁଜ –

**(ଖ) ପଙ୍କରୁ ଜାତ = ପଙ୍କଜ**

ସେହିପରି ଶେଷରେ ‘ଜ’ ଲଗାଇ ପାଞ୍ଚଟି ଶବ୍ଦ ଲେଖ।

..............................................................................................

..............................................................................................

..............................................................................................

..............................................................................................

# କାର୍ଯ୍ୟଫର୍ଦ୍ଦ - ୮

## ଆକଳନ-୩

ଠିକ୍ ଉତ୍ତରଟି ବାଛି ତା ପାଖରେ ଠିକ୍ (✓) ଚିହ୍ନ ଦିଅ ।

**କବିତାଟିକୁ ପଢ଼ି ଉତ୍ତର ଦିଅ ।**

ନାମ ଥିଲା ତାଙ୍କ ସୁଭାଷ ବୋଷ
ନେତାଜୀ ନାମରେ ଖ୍ୟାତ,
କଟକ ସହର ଓଡ଼ିଆ ବଜାରେ
ହୋଇଥିଲେ ସିଏ ଜାତ ।
ଦେଶକୁ ସ୍ୱାଧୀନ କରିବା ପାଇଁକି
ଆନ୍ଦୋଳନେ ଦେଲେ ଯୋଗ,
ଗୁରୁ ହେଲେ ତାଙ୍କ ବାଳ ଗଙ୍ଗାଧର
ଛାଡ଼ିଲେ ଚାକିରି ଭୋଗ ।

**ପ୍ରଶ୍ନ ନଂ-୧. ନେତାଜୀ ନାମରେ କିଏ ଖ୍ୟାତ ଥିଲେ ?**

(କ) ଗାନ୍ଧିଜୀ (ଖ) ସୁଭାଷ ବୋଷ (ଗ) ନେହେରୁ (ଘ) କାଲାମ

**ପ୍ରଶ୍ନ ନଂ-୨. ସୁଭାଷ ବୋଷଙ୍କ ଜନ୍ମ କେଉଁଠି ହୋଇଥିଲା ?**

(କ) କଟକ (ଖ) ବାଲେଶ୍ୱର (ଗ) କଲିକତା (ଘ) ଦିଲ୍ଲୀ

**ପ୍ରଶ୍ନ ନଂ-୩. ସୁଭାଷ ବୋଷ ଦେଶକୁ ସ୍ୱାଧୀନ କରିବା ପାଇଁ କଣ କଲେ ?**

(କ) ଆନ୍ଦୋଳନ (ଖ) ଭ୍ରମଣ (ଗ) ଚାକିରୀ (ଘ) ବିଦେଶ ଗଲେ

**ପ୍ରଶ୍ନ ନଂ-୪. ବାଳଗଙ୍ଗାଧରଙ୍କର ସୁଭାଷ ବୋଷଙ୍କ ସହିତ କି ସମ୍ପର୍କ ?**

(କ) ଗୁରୁ (ଖ) ଶିଷ୍ୟ (ଗ) ସାଥୀ (ଘ) ଓକିଲ

**ପ୍ରଶ୍ନ ନଂ-୫. ଜାତ ର ଠିକ୍ ଅର୍ଥଟି ହେଉଛି-**

(କ) ଜନ୍ମ (ଖ) ଯାତ୍ରା (ଗ) ଯିବା (ଘ) ଜାତି

**ପ୍ରଶ୍ନ ନଂ-୬. ଦିନକୁ ଦିନ ପୃଥିବୀରୁ ଜଳ କମିଯାଉଛି କାରଣ**

(କ) ମଣିଷମାନେ ପିଇ ଦିଅନ୍ତି

(ଖ) ଖରାରେ ଶୁଖିଯାଏ

(ଗ) ଲୋକେ ମନଇଚ୍ଛା ବ୍ୟବହାର କରନ୍ତି

(ଘ) ଉଦ୍ଭିଦମାନେ ଶୋଷି ନେଉଛନ୍ତି

**ପ୍ରଶ୍ନ ନଂ-୭. କିଏ ପରିବେଶକୁ ଅଧିକ ଦୂଷିତ କରନ୍ତି ବୋଲି 'ପ୍ରଜାପତି' କହିଲା ?**

(କ) ଗଛପତ୍ର (ଖ) ପଶୁ (ଗ) ମଣିଷ (ଘ) ପକ୍ଷୀ

**ପ୍ରଶ୍ନ ନଂ-୮. ନିମ୍ନୋକ୍ତ ଶବ୍ଦ ଗୁଡ଼ିକ ମଧ୍ୟରୁ ଠିକ୍ ଶବ୍ଦଟିକୁ ବାଛି ଲେଖ ।**

(କ) ପୁରସ୍କାର (ଖ) ପୁରଷ୍କାର (ଗ) ପୁରଶ୍କାର (ଘ) ପୁରାସ୍କାର

**ପ୍ରଶ୍ନ ନଂ-୯. 'ଜନରାଜ୍ୟ ଦିବସ' କହିଲେ କେଉଁ ଦିନଟିକୁ ବୁଝାଏ ?**

(କ) ଜାନୁୟାରୀ ୨୬ (ଖ) ଅଗଷ୍ଟ ୧୫

(ଗ) ନଭେମ୍ବର ୧୪ (ଘ) ସେପ୍ଟେମ୍ବର ୫

**ପ୍ରଶ୍ନ ନଂ-୧୦. "ଧୀରେଧୀରେ" ପରି କେଉଁଟି ଯୋଡ଼ିଶବ୍ଦ ନୁହେଁ ?**

(କ) ଆସ୍ତେ ଆସ୍ତେ (ଖ) ଲୁଗାପଟା

(ଗ) ଫାଳେଫାଳେ (ଘ) ଗୋଡ଼େଗୋଡ଼େ

## କାର୍ଯ୍ୟଫର୍ଦ୍ଦ - ୯

**ଶିକ୍ଷଣ ଫଳାଫଳ :-**

ଶୁଣିଥିବା କଥା କିମ୍ବା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।

**ତଳ ଲିଖିତ କବିତାଟି ଆବୃତ୍ତି କର ।**

ମନକଥା ବୁଝି ଥଟ୍ଟାମଜା କରି
        ମନକୁ ଦିଏ ମଜାଇ,
ବିପଦ ଆପଦେ ପାଶେ ଠିଆ ହୁଏ,
        ଭଲ ସାଙ୍ଗ ସିନା ସେହି ।
ଅପେକ୍ଷା କରଇ ସ୍କୁଲ୍ ଯିବା ପାଇଁ
        ହେଲେ ବି' ଯେତେ ଉଚ୍ଛୁର,
ଯିଏ ଯେତେ ଗାଳି ଦେଲେ ପଛେ ଦେଉ
        ନଥାଏ ତା'ର ଖାତର

**୧. ଆସ, କଥା ହେବା ଓ ଲେଖିବା ।**

(କ) ଆମ ମନକଥା କିଏ ବୁଝିଥାଏ ?

ଉତ୍ତର:.................................................................

(ଖ) ମନକୁ ମଜାଇବାପାଇଁ ସାଙ୍ଗ କ'ଣ କରେ ?

ଉତ୍ତର:.................................................................

(ଗ) ସାଙ୍ଗ କାହିଁକି ଅପେକ୍ଷା କରିଥାଏ ?

ଉତ୍ତର: ...............................................................

(ଘ) ଭଲ ସାଙ୍ଗ କିଏ ?

ଉତ୍ତର...............................................................

୨. ପାଦ ପୂରଣ କରି ଲେଖ ।

(କ) ବିପଦ ଆପଦେ ପାଶେ ଠିଆ ହୁଏ,

.................................................................................

(ଖ) .................................................................................

ନଥାଏ ତା'ର ଖାତର ।

୩. 'ଥଟ୍ଟାମଜା' ପରି ଆଉ କେତୋଟି ଯୋଡ଼ି ଶବ୍ଦ ଲେଖ ।

.................., ......................., ......................

.................., ......................., ......................

.................., ......................., ......................

.................., ......................., ......................

୪. ତୁମ ସାଙ୍ଗ ବିଷୟରେ ଆଉ ପାଞ୍ଚ ଧାଡ଼ି ଲେଖ ।

.................................................................................

.................................................................................

.................................................................................

.................................................................................

.................................................................................

## କାର୍ଯ୍ୟପତ୍ର - ୭

**ଶିକ୍ଷଣ ଫଳାଫଳ :-**

**ଶୁଣିଥିବା କଥା କିମ୍ବା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।**

### (କ) ଆସ, ଗପଟିକୁ ପଢ଼ିବା ଓ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

ଅଙ୍ଗନଦୀ କୂଳରେ ସଉନ୍ତଖଣ୍ଡି ଗାଆଁ । ସେଇ ଗାଆଁରେ ରତ୍ନାକର ଓ ଭକ୍ତବନ୍ଧୁ ରହନ୍ତି । ରତ୍ନାକର ସପ୍ତମ ଓ ଭକ୍ତବନ୍ଧୁ ଷଷ୍ଠ ଶ୍ରେଣୀରେ ପଢ଼ନ୍ତି । ଦୁହେଁ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାବେଳେ ନଈ କୂଳକୁ ବୁଲିବାକୁ ଯାଆନ୍ତି ।

ଦିନକର କଥା, ବୁଲିବା ସମୟରେ ରତ୍ନାକର ଗୋଡ଼ ଧୋଇବାକୁ ନଈକୁ ଗଲା । ତା' ଗୋଡ଼ ଖସିଯିବାରୁ ସେ ଗଭୀର ପାଣିକୁ ଚାଲିଗଲା । ପାଣିରେ ଉବୁଟୁବୁ ହେଲା । ଭକ୍ତବନ୍ଧୁ କ'ଣ କରିବ କିଛି ଭାବି ପାରିଲା ନାହିଁ । ସେ ଜୋରରେ ଡାକ ପକାଇଲା ।

ହଠାତ୍ ତା'ମୁଣ୍ଡକୁ ବୁଦ୍ଧିଟିଏ ଜୁଟିଲା । ନିଜ ଗାମୁଛାକୁ ଲମ୍ବାରେ ପାଞ୍ଚଖଣ୍ଡ କରି ଚିରିଲା । ଗଣ୍ଠି ଦଉଡ଼ି ଭଳି ଲମ୍ବା କରିଦେଲା । ଗୋଟିଏ ମୁଣ୍ଡ ରତ୍ନାକର ପାଖକୁ ଫିଙ୍ଗି ଦେଇ ଧରିବାକୁ କହିଲା । ଅନ୍ୟ ମୁଣ୍ଡକୁ ଟାଣିବାକୁ ଚେଷ୍ଟା କଲା । ଟାଣିଟାଣି ହାଲିଆ ହୋଇ ଯାଉଥାଏ ସିନା, ପ୍ରାଣପଣେ ଟାଣିବାରେ ଲାଗିଥାଏ । ଅବିରତ ଉଦ୍ୟମ ଫଳରେ ଶେଷରେ ସେ ରତ୍ନାକରକୁ କୂଳକୁ ଆଣିବାରେ ସଫଳ ହେଲା । ଠିକ୍ ସେତିକି ବେଳକୁ ତା' ଡାକ ଶୁଣି କେତେଜଣ ଆସି ଜମା ହୋଇଗଲେ । ଭକ୍ତବନ୍ଧୁ ତା'ର ଉପସ୍ଥିତ ବୁଦ୍ଧି ବଳରେ ରତ୍ନାକରକୁ ଉଦ୍ଧାର କରିପାରିଥିବାରୁ ସମସ୍ତେ ତା'କୁ ପ୍ରଶଂସା କଲେ ।

ସେ ବର୍ଷ ଜନରାଜ୍ୟ ଦିବସରେ ଆମ ଦେଶର ରାଷ୍ଟ୍ରପତି ଭକ୍ତବନ୍ଧୁକୁ ସାହସିକତା ପୁରସ୍କାରରେ ସମ୍ମାନିତ କଲେ ।

### (ଖ) ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

(୧) ରତ୍ନାକର ଓ ଭକ୍ତବନ୍ଧୁ କେଉଁ ଗାଁରେ ରହନ୍ତି ?

ଉ- ..........................................................................................

(୨) ସେମାନେ କେଉଁ କେଉଁ ଶ୍ରେଣୀରେ ପଢ଼ନ୍ତି ?

ଉ-.........................................................................................

(୩) ରତ୍ନାକରର ଗୋଡ଼ ଖସିଯିବାରୁ କ'ଣ ହେଲା ?

ଉ- .......................................................................................

(୪) ଭକ୍ତବନ୍ଧୁ କାହିଁକି ତା' ଗାମୁଛାକୁ ଖଣ୍ଡଖଣ୍ଡ କରି ଚିରିଲା ?

ଉ- .......................................................................................

(୫) ଲୋକେ କାହିଁକି ଭକ୍ତବନ୍ଧୁକୁ ପ୍ରଶଂସା କଲେ ?

ଉ- ..........................................................................................

(୬) ଭକ୍ତ ବନ୍ଧୁକୁ କିଏ ପୁରସ୍କୃତ କଲେ ?

ଉ- ........................................................................................

**ବାକ୍ୟର ଅଧା ଅଂଶକୁ ପୂରା କରି ଲେଖ ।**

୧. ଅଙ୍ଗନଦୀ କୂଳରେ...........................................................।

୨. ହଠାତ୍ ତା' ମୁଣ୍ଡକୁ...........................................................।

୩. ନିଜ ଗାମୁଛାକୁ ଲମ୍ବାରେ....................................................।

୪. ସେ ଜୋରରେ ..............................................................।

୫. ଦୁହେଁ ସାଙ୍ଗ ହୋଇ ପ୍ରତିଦିନ ସନ୍ଧ୍ୟାବେଳେ..................................।

# କାର୍ଯ୍ୟଫର୍ଦ୍ଦ - ୫

**ଶିକ୍ଷଣ ଫଳାଫଳ :-**

**ନିଜ କଳ୍ପନାରୁ ଗଳ୍ପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢାଇ ଲେଖିବ ।**

**ତଳେ ଦିଆଯାଇଥିବା ଗଳ୍ପଟିକୁ ପଢ଼ ।**

ଆରତି ଗୁରୁମା'ଙ୍କ ଘର ରାଜଧାନୀରେ । ଦିନେ ସେ ରାତିରେ ଶୋଇଥିବା ବେଳେ ଗୋଟିଏ ସ୍ୱପ୍ନ ଦେଖିଲେ । ତାଙ୍କ ବାଡ଼ିରେ ଥିବା ଗୁଣ୍ଡୁଚି ଓ ପ୍ରଜାପତି ମନ ଦୁଃଖରେ କଥା ହେଉଛନ୍ତି । ଗୁଣ୍ଡୁଚି ପ୍ରଜାପତିକୁ କହୁଥାଏ " ଆଲୋ ଭଉଣୀ, ଆଉ କ'ଣ ତୋ'ର ଦେଖାନାହିଁ ? ଆଗରୁ ଦଳଦଳ ହୋଇ ବଗିଚାରେ କେତେ ବୁଲୁଥିଲୁ ?'' ପ୍ରଜାପତି କାନ୍ଦି ପକାଇ କହିଲା, "ଆଉ କ'ଣ ମୋ ଭାଇଭଉଣୀ ଅଛନ୍ତି ? ସେମାନେ ପରା ଧୀରେଧୀରେ ସରି ଆସିଲେଣି ।" ଗୁଣ୍ଡୁଚି କିଛି ବୁଝିପାରିଲା ନାହିଁ । ସେ ପଚାରିଲା, "କିପରି'' ? ପ୍ରଜାପତି ବୁଝାଇ କହିଲା, "ଏ ଲୋକଗୁଡ଼ାକ ପ୍ରତିଦିନ ଗଛ କାଟି ପକାଉଛନ୍ତି, ପାଣି ପବନକୁ ଦୂଷିତ କରି ଦେଉଛନ୍ତି । ଫଳରେ ଏହାର ପ୍ରଭାବ ଆମ ଉପରେ ପଡ଼ି ଏପରି ହେଉଛି ।" ଗୁଣ୍ଡୁଚି ମନେମନେ ଭାବୁଥାଏ, "ଆରେ ସତେ ତ ! ଆମ ବଂଶ ମଧ୍ୟ ସେଥିପାଇଁ ବୋଧହୁଏ କମି ଆସୁଛି ।'' ଗୁଣ୍ଡୁଚିମୂଷା ପ୍ରଜାପତିକୁ କିଛି କହିବାକୁ ଯାଉଥିବାବେଳେ ହଠାତ୍ କାହା ଶବ୍ଦରେ ଗୁରୁମା'ଙ୍କର ନିଦ ଭାଙ୍ଗିଗଲା । ଗୁଣ୍ଡୁଚିର କଥା ଶୁଣି ପାରି ନଥିବାରୁ ତାଙ୍କର ମନଦୁଃଖ ହେଲା ।

**ପ୍ରଶ୍ନ-୧ ତଳ ଲେଖାରେ ଉପଯୁକ୍ତ ବିରାମ ଚିହ୍ନ ଦିଅ ।**

କ. ଗୁଣ୍ଡୁଚି ପ୍ରଜାପତିକୁ କହୁଥାଏ ଆଲୋ ଭଉଣୀ ଆଜି କଣ ତୋର ଦେଖାନାହିଁ

ଖ. ପ୍ରଜାପତି କାନ୍ଦି ପକାଇ କହିଲା ଆଉ କ'ଣ ମୋ ଭାଇଭଉଣୀ ଅଛନ୍ତି

ଗ. ଗୁଣ୍ଡୁଚି କିଛି ବୁଝିପାରିଲା ନାହିଁ ସେ ପଚାରିଲା କିପରି

**ପ୍ରଶ୍ନ-୨ ଆସ କଥା ହୋଇ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦେବା ।**

**କ. ଗୁରୁମା କି' ସପନ ଦେଖିଲେ ?**

.................................................................................

.................................................................................

**ଖ. ପ୍ରଜାପତି ବଂଶ କାହିଁକି ଲୋପ ପାଇ ଯାଉଛି ?**

.................................................................................

.................................................................................

**ଗ. ଗୁରୁମା'ଙ୍କ ମନ କାହିଁକି ଦୁଃଖ ହେଲା ?**

.................................................................................

.................................................................................

**୩. ଅନୁଚ୍ଛେଦ ଆଧାରରେ ଦୁଇଜଣଙ୍କ କଥାବାର୍ତ୍ତାକୁ ସଂଳାପ କ୍ରମରେ ଲେଖିବା ।**

**ଯେପରି :-** ଗୁଣ୍ଡୁଚି- ଆଲୋ ଭଉଣୀ, ଆଉ କ'ଣ ତୋର ଦେଖାନାହିଁ ?

.................................................................................

ପ୍ରଜାପତି:-.................................................................................

ଗୁଣ୍ଡୁଚି:-.................................................................................

ପ୍ରଜାପତି:-.................................................................................

**୪. ପ୍ରତିଦିନ ଗଛ କାଟିଦେବାଦ୍ୱାରା କ'ଣ ଅସୁବିଧା ହେଉଛି ?**

# କାର୍ଯ୍ୟପତ୍ର - ୬

**ଶିକ୍ଷଣ ଫଳାଫଳ :-**

**ଶୁଣିଥିବା କଥା କିମ୍ବା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।**

ଜଳକୁ ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ବ୍ୟବହାର କରିଥାଆନ୍ତି । ଆମେ ମନଇଚ୍ଛା ଜଳ ବ୍ୟବହାର କରିଥାଉ । ଫଳରେ ଦିନକୁ ଦିନ ପୃଥିବୀରୁ ଜଳ କମିଯାଉଛି । ଅର୍ଥାତ୍ କୂଅ, ପୋଖରୀ, ହ୍ରଦ, ସମୁଦ୍ର, ନଦୀ, ଝରଣା, ନଳକୂପ ଓ ମାଟିତଳ ଜଳ କମିଯାଇ ଆସ୍ତେଆସ୍ତେ ଶୁଖିଯିବ । ଏଥିପାଇଁ ଆମେ ସମସ୍ତେ ସଚେତନ ହେବା ଉଚିତ୍ । କେବଳ ଦରକାର ଅନୁଯାୟୀ ଜଳ ବ୍ୟବହାର କରିବା, ପାଣିକଳ ଖୋଲାଥିଲେ ତାକୁ ବନ୍ଦ କରିବା, ଅଯଥାରେ ପାଣି ଢାଳିବା ନାହିଁ, କାରଣ ଜଳ ହିଁ ଜୀବନ ।

**ତଳେ ଦିଆଯାଇଥିବା ଉତ୍ତରକୁ ଆଧାର କରି ପ୍ରଶ୍ନ ପ୍ରସ୍ତୁତ କର ।**

୧. (କ) ପ୍ର:..........................................................................

ଉ- ଜଳକୁ ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ବ୍ୟବହାର କରନ୍ତି ।

(ଖ) ପ୍ର: ..........................................................................

ଉ- ଜଳକୁ ମନଇଚ୍ଛା ବ୍ୟବହାର କରିବାରୁ ତାହା ପୃଥିବୀରୁ ଦିନକୁ ଦିନ କମିଯାଇଛି ।

(ଗ) ପ୍ର: ..........................................................................

ଉ- କୂଅ, ପୋଖରୀ, ହ୍ରଦ, ସମୁଦ୍ର, ନଦୀ ଆଦିରେ ଜଳ କମିଯାଇ ଶୁଖିଯିବ ।

(ଘ) ପ୍ର: ..........................................................................

ଉ- ପାଣିକଳ ଖୋଲାଥିଲେ ତାକୁ ବନ୍ଦ କରିବା ।

ଲକ୍ଷ୍ୟ- 'ଜଳ' ନଥିଲେ ଆମର କି ଅସୁବିଧା ହୁଅନ୍ତା ?

# କାର୍ଯ୍ୟପତ୍ର - ୪

**ଶିକ୍ଷଣ ଫଳାଫଳ :-**

ଶୁଣିଥିବା କଥା କିମ୍ବା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।

**ଆସ ଗୀତଟିକୁ ସ୍ୱରଦେଇ ଗାଇବା ।**

ସାତ ବରଷର କୁନି ପିଲା ମିନୁ
ବୁଲୁଥିଲା ଉପବନେ,
ଗଛଲତା ଫୁଲ ମହୁମାଛି ଦେଖି
ଭାବୁଥିଲା ମନେମନେ ।
ହୋଇଥା'ନ୍ତି ଯଦି ଗଛଟିଏ ମୁହିଁ
ସୁଆଦିଆ ଫଳଦାନ,
କରି ଏ ମହୀର ଜୀବଙ୍କର କ୍ଷୁଧା
କରୁଥାନ୍ତି ନିବାରଣ ।
ସୁବାସିତ ଫୁଲ ଧରି ଦେହେ ମୋର
ବିତରୁଥାନ୍ତି ସୁବାସ,
ମୋ ସୁବାସ ଲଭି ଧରାବାସୀ ପରା
ହେଉଥାନ୍ତେ ହସହସ ।
ଜନମନ ମୋହି ଧନ୍ୟ ମୁଁ ହୁଅନ୍ତି
ଗୁଣୁଗୁଣୁ ଗୀତ ଗାଇ,
ହରଷ ମନରେ ମହୁ ଆଣୁଥା'ନ୍ତି
ଫୁଲରୁ ଫୁଲକୁ ଯାଇ ।

(ଖ) ପାଦ ପୂରଣ କର ।

ସୁବାସିତ ଫୁଲ ଧରି ଦେହେ ମୋର
ବିତରୁଥାନ୍ତି ସୁବାସ,

..........................................................................

..........................................................................

(ଗ) ପଦ୍ୟଟିରେ କବି କ'ଣ ଆଶା କରିଛନ୍ତି ?

.........................................................................................

.........................................................................................

.........................................................................................

# କାର୍ଯ୍ୟପତ୍ର - ୨୭

**ଶିକ୍ଷଣ ଫଳାଫଳ :-**

ଭିନ୍ନଭିନ୍ନ ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦଗୁଡିକୁ ବୁଝି ସେଗୁଡିକୁ ଲେଖାରେ ବ୍ୟବହାର କରିବ ।

**ଆସ ତଳ ଲିଖିତ ଶବ୍ଦଗୁଡ଼ିକୁ ପଢ଼ିବା ଓ ଭିନ୍ନ ଶବ୍ଦ ଚାରପିଟେ ଗୋଲ ବୁଲାଇବା ।**

(କ) ନୟନ, ଚକ୍ଷୁ, ନାସା, ନେତ୍ର

(ଖ) ଗୃହ, ସଦନ, ଦ୍ୱାର, ଆଳୟ

(ଗ) ତଟିନୀ, ନଦୀ, ସରିତ, ଝରଣା

(ଘ) ଫୁଲ, କାକଳି, ପୁଷ୍ପ, ସୁମନ

(ଙ) ରବି, ତପନ, ଶଶୀ, ସବିତା

(ଚ) ପକ୍ଷୀ, ବିହଙ୍ଗମ, ଖଗ, ସର୍ପ

(ଛ) ପର୍ବତ, ଝରଣା, ଗିରି, ଶୈଳ

**(ଖ) ତଳ ଲିଖିତ ପଦଗୁଡ଼ିକ ପଢ଼ି ରେଖାଙ୍କିତ ଶବ୍ଦଗୁଡ଼ିକର ଅର୍ଥ ବନ୍ଧନୀ ମଧ୍ୟରୁ ଖୋଜି ଗୋଲ ବୁଲାଅ ।**

ଅସି ଦ୍ୱାରା ରାଜା କରନ୍ତି ଯୁଦ୍ଧ,
ଅଶୀ ଜଣ ଛାତ୍ର ଗଢ଼ିଲେ ଶବ୍ଦ ।
ଗଣେଶ ଅଟନ୍ତି ଗଣଙ୍କ ଇଶ,
ଈଷ, ଦ୍ୱାରା ଚାଷୀ କରଇ ଚାଷ ।
ଦିନରେ ଶୋଇବା ନୁହଇ ଭଲ,
ଦୀନଜନ ସେବା କରିବା ଚାଲ ।
ଲକ୍ଷ ଟଙ୍କାରେ ତା' ଚାଲେ ବେପାର,
ଭଲ ଲୋକ ହେବା ଲକ୍ଷ୍ୟ ତାହାର ।

ଅସି- (ସଂଖ୍ୟା, ଆସିବା, ଖଣ୍ଡା)
ଅଶୀ- (ଖଣ୍ଡା, ସଂଖ୍ୟା, ଧନୁ)
ଈଶ- (ଅସୁର, ଦେବତା, ଲଙ୍ଗଳ)
ଈଷ- (ବାସ, ଲଙ୍ଗଳଦଣ୍ଡ, ଦେବତା)
ଦିନ- (ଦରିଦ୍ର, ସୂର୍ଯ୍ୟ, ଦିବସ)
ଦୀନ- (ସକାଳ, ଦରିଦ୍ର, ଧନୀ)
ଲକ୍ଷ- (ଶହେ ହଜାର, ଲୟ, ଦେଖିବା)
ଲକ୍ଷ୍ୟ- ( ଉଦ୍ଦେଶ୍ୟ, ସଂଖ୍ୟା, ତୀର)

# କାର୍ଯ୍ୟଫର୍ଦ୍ଦ - ୨୬

## ଆକଳନ - ୫

**ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନର ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନ ଦିଅ ।**

ଅନେକ ଦିନ ତଳର କଥା । ଅଯୋଧ୍ୟାରେ ସୂର୍ଯ୍ୟବଂଶର ରାଜା ଦଶରଥ ଶାସନ କରୁଥିଲେ । ତାଙ୍କର ତିନି ରାଣୀ ଓ ଚାରି ପୁତ୍ର ଥିଲେ । ଜ୍ୟେଷ୍ଠାରାଣୀ କୌଶଲ୍ୟାଙ୍କ ଠାରୁ ରାମଚନ୍ଦ୍ର, ମଧ୍ୟମା କୈକେୟୀଙ୍କଠାରୁ ଭରତ ଓ କନିଷ୍ଠା ସୁମିତ୍ରାଙ୍କଠାରୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମଲାଭ କରିଥିଲେ । ରାମଚନ୍ଦ୍ର ମିଥିଳାର ରାଜା ଜନକଙ୍କ କନ୍ୟା ସୀତାଙ୍କୁ ସ୍ୱୟମ୍ବରରେ ଶିବଧନୁ ଭଙ୍ଗ କରି ବିବାହ କରିଥିଲେ । ଦଶରଥ ବାର୍ଦ୍ଧକ୍ୟ ହେତୁ ରାମଚନ୍ଦ୍ରଙ୍କୁ ରାଜା ରୂପେ ଅଭିଷିକ୍ତ କରିବାକୁ ଚାହୁଁଥିବାବେଳେ କୈକେୟୀ ଚକ୍ରାନ୍ତ କଲେ । ବାଧ୍ୟ ହୋଇ ଦଶରଥ ରାମଚନ୍ଦ୍ରଙ୍କୁ ଚଉଦବର୍ଷପାଇଁ ବନବାସରେ ପଠାଇ ଭରତଙ୍କୁ ରାଜା କଲେ ।

**ପ୍ରଶ୍ନ ନଂ-୧. ଦଶରଥ କେଉଁ ବଂଶର ରାଜା ଥିଲେ ?**

(କ) ଚୋଳ ବଂଶ (ଖ) ସୂର୍ଯ୍ୟ ବଂଶ (ଗ) ପାଣ୍ଡ୍ୟ ବଂଶ (ଘ) ଚନ୍ଦ୍ରବଂଶ

**ପ୍ରଶ୍ନ ନଂ-୨. ରାମଚନ୍ଦ୍ର କେଉଁ ରାଣୀଙ୍କର ସନ୍ତାନ ଥିଲେ ?**

(କ) ଜ୍ୟେଷ୍ଠା (ଖ) ମଧ୍ୟମା (ଗ) କନିଷ୍ଠା (ଘ) କେହି ନୁହେଁ

**ପ୍ରଶ୍ନ ନଂ-୩. ସୀତାଙ୍କ ସ୍ୱୟମ୍ବର ସଭାରେ ଶିବଧନୁ କିଏ ଭାଙ୍ଗିଥିଲେ ?**

(କ) ଶତ୍ରୁଘ୍ନ (ଖ) ଭରତ (ଗ) ରାମଚନ୍ଦ୍ର (ଘ) ଲକ୍ଷ୍ମଣ

**ପ୍ରଶ୍ନ ନଂ-୪. ରାମଚନ୍ଦ୍ରଙ୍କୁ ରାଜା ନ କରିବା ପାଇଁ କିଏ ଚକ୍ରାନ୍ତ କରିଥିଲେ ?**

(କ) କୌଶଲ୍ୟା (ଖ) କୈକେୟୀ (ଗ) ସୁମିତ୍ରା (ଘ) ସୀତା

**ପ୍ରଶ୍ନ ନଂ-୫. ରାମଚନ୍ଦ୍ର କେତେବର୍ଷପାଇଁ ବନବାସ ଗଲେ ?**

(କ) ଦଶବର୍ଷ (ଖ) ବାରବର୍ଷ (ଗ) ଚଉଦ ବର୍ଷ (ଘ) ଷୋହଳବର୍ଷ

**ପ୍ରଶ୍ନ ନଂ-୬. ନିମ୍ନ ଶବ୍ଦଗୁଡ଼ିକ ମଧ୍ୟରୁ ଭିନ୍ନ ଶବ୍ଦଟିକୁ ବାଛ ।**

(କ) ଯୋଗୀ (ଖ) ମୁନି (ଗ) ଋଷି (ଘ) ରୋଗୀ

**ପ୍ରଶ୍ନ ନଂ-୮. ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦଟି ନେଇ ବାକ୍ୟଟି ପୂରଣ କର ?**

ଦୋରାବାବୁ ଭୋଜିକୁ ସମସ୍ତଙ୍କୁ ........................ କରିଥିଲେ ।

(କ) ନିମନ୍ତ୍ରଣ (ଖ) ନିୟନ୍ତ୍ରଣ (ଗ) ନିଅନ୍ତ୍ରର୍ଣ (ଘ) ନୀମନ୍ତ୍ରଣ

**ପ୍ରଶ୍ନ ନଂ-୯. 'ଶାରୀରିକ' ସହିତ କେଉଁ ସମ୍ପର୍କିତ ଶବ୍ଦର ମିଳନ ହୋଇପାରିବ ?**

(କ) ବୟସ (ଖ) ସମ୍ପତ୍ତି (ଗ) ପରିଶ୍ରମ (ଘ) ଜ୍ଞାନ

**ପ୍ରଶ୍ନ ନଂ-୧୦. 'ଦିବା' ଶବ୍ଦର ଠିକ୍ ଅର୍ଥଟି କଣ ?**

(କ) ରାତି (ଖ) ସୂର୍ଯ୍ୟ (ଗ) ଦିନ ଘ) ଆଲୁଅ

## କାର୍ଯ୍ୟପତ୍ର - ୨୯

**ଶିକ୍ଷଣ ଫଳାଫଳ :-**

ଭାଷାରେ ବ୍ୟାକରଣକୁ (ଯେପରି କାରକ, କର୍ତ୍ତା, କ୍ରିୟା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ ।

**୧. ତଳ ଲିଖିତ ବାକ୍ୟଗୁଡ଼ିକୁ ପଢ଼, କାମକୁ ବୁଝାଉଥିବା ପଦକୁ ବାଛି ଲେଖ ।**

(କ) ରାମ ପ୍ରତିଦିନ ବିଦ୍ୟାଳୟକୁ ଯାଏ । ............................

(ଖ) ଶିକ୍ଷକ ପିଲାମାନଙ୍କୁ ଛବି ଦେଖାଉଛନ୍ତି । ............................

(ଗ) ପିଲାଟି କାହ୍ନୁରେ ଗାରାଉଛି । ............................

(ଘ) ମୁଁ ବହି ପଢ଼ି ଶୋଇଲି । ............................

(ଙ) ଆମ୍ଭେମାନେ ପୁରୀରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲୁ । ............................

(ଚ) ପିଲାମାନଙ୍କ ଦ୍ୱାରା ବହି ପଢ଼ା ହେଉଛି । ............................

**୨. ଉପର ଲିଖିତ କ୍ରିୟାପଦଗୁଡ଼ିକୁ ବ୍ୟବହାର କରି ତଳ କୋଠରି ଭିତରେ ଗୋଟିଏ ଲେଖାଏଁ ବାକ୍ୟ ଲେଖ ।**

# କାର୍ଯ୍ୟଫର୍ଦ୍ଦ - ୨୧

**ଶିକ୍ଷଣ ଫଳାଫଳ :-**

**ଗପ, କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବେ ଓ ସେଥିରେ ନିଜଗପ କଥାକୁ ଯୋଡ଼ିବେ ।**

**(କ) ତଳଲିଖିତ ପଦର ଭାବ ନିଜଭାଷାରେ ଲେଖ।**

ହୋଇଥା'ନ୍ତି ଯଦି ଗଛଟିଏ ମୁହିଁ
ସୁଆଦିଆ ଫଳଦାନ,-
କରି ଏ ମହୀର ଜୀବଙ୍କର କ୍ଷୁଧା
କରୁଥା'ନ୍ତି ନିବାରଣ।

**ଉତ୍ତର-** ........................................................................................

........................................................................................

........................................................................................

**(ଖ) 'ସୁଆଦ'ରୁ 'ସୁଆଦିଆ' ପରି ଆଉ କେତୋଟି ଶବ୍ଦ ଲେଖ।**

................................ ................................

................................ ................................

................................ ................................

................................ ................................

................................ ................................

................................ ................................

## କାର୍ଯ୍ୟପତ୍ର - ୨୨

**ଶିକ୍ଷଣ ଫଳାଫଳ :-**

**ଗପ, କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବେ ଓ ସେଥିରେ ନିଜଗପ କଥାକୁ ଯୋଡିବେ ।**

**(କ) 'କ' ସ୍ତମ୍ଭର ଶବ୍ଦସହ 'ଖ' ସ୍ତମ୍ଭର ସମାନ ଅର୍ଥ ବୁଝାଉଥିବା ଶବ୍ଦକୁ ଗାରଟାଣି ଯୋଡ଼ ।**

| 'କ' | 'ଖ' |
|---|---|
| କୁନି | ଭୋକ |
| ଉପବନ | ସାନ |
| ସକଳ | ବାଣ୍ଟି |
| କ୍ଷୁଧା | ବାସନା |
| ନିବାରଣ | ସମସ୍ତ |
| ସୁବାସ | ବଗିଚା |
| ହରଷ | ଦୂରକରିବା |
| ବିତରି | ଖୁସି |

**(ଖ) 'ଗୁଣୁଗୁଣୁ' ପରି କେତେଟି ଯୋଡ଼ି ଶବ୍ଦ ଲେଖ ।**

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

(ଗ) ବନ୍ଧନୀ ଭିତରେ ଥିବା ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନ କର ।

**(ଉପବନ, କ୍ଷୁଧା, ସୁବାସ, ସକଳ, ନିବାରଣ)**

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

# କାର୍ଯ୍ୟଫର୍ଦ୍ଦ - ୨୩

**ଶିକ୍ଷଣ ଫଳାଫଳ :-**

**ଗପ, କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବେ ଓ ସେଥିରେ ନିଜଗପ କଥାକୁ ଯୋଡିବେ ।**

**(କ) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ ଠିକ୍ ବନାନଥିବା ଶବ୍ଦଟିକୁ ବାଛି ଲେଖ ।**

କ- କ୍ରିଡ଼ାବିତ୍, କ୍ରୀଡାବିତ୍, କ୍ରୀଡାବୀତ୍ ....................................

ଖ- ଜାତିୟ, ଜାତୀୟ, ଯାତୀୟ ....................................

ଗ- ଆଶୀର୍ବାଦ, ଆର୍ଶିବାଦ, ଆଶ୍ରିବାଦ ....................................

ଘ- ମୁହୂର୍ତ୍ତ, ମୁହୃର୍ତ୍ତ, ମୂହୁର୍ତ୍ତ ....................................

ଙ- ସମୁଖ, ସମ୍ମୁଖ ସମୂଖ ....................................

ଚ- ଜାନକି, ଯାନକି, ଜାନକୀ ....................................

**(ଖ) ତଳ ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।**

| | |
|---|---|
| ଉଚ୍ଚ- | କ୍ଷୁଦ୍ର- |
| ଦିବା- | ଦୋଷୀ- |
| ଆରମ୍ଭ- | ପୁରସ୍କାର- |
| ମିଳନ- | ପ୍ରଶଂସା- |
| ଆଲୋକ- | ସଂପତ୍ତି- |

**ଶିକ୍ଷଣ ଫଳାଫଳ :-**

## କାର୍ଯ୍ୟଫର୍ଦ୍ଦ - ୯୩

**ଶୁଣିଥିବା କଥା କିମ୍ବା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।**

**(୧) ଆସ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବା।**

ହୁଡ୍‌ହୁଡ୍ ଝଡ଼ର ହାଓ୍ୱାରେ ଜଟିଆ ଋଷିଙ୍କର ଛଣ ଛପର ଘରର ଏକ ଚାଳ ଉଡ଼ିଗଲା। ସେ ଖଟ ଉପରେ ମନ ଉଣାକରି ଦୁଃଖରେ ବସିଥିଲେ। ଏହା ଦେଖି, ଶରତ ଓ ଅକ୍ଷୟ ବର୍ଷାରେ ଭିଜିଭିଜି ଘର ଛପର କରିଦେଲେ। ତେଣୁ ସେମାନଙ୍କ ଆଈ ବୁଢ଼ୀ ଖୁସି ହୋଇଗଲେ। ସେ ଋଷିଙ୍କ ତରଫରୁ ଦୁହିଁଙ୍କୁ ଧନ୍ୟବାଦ ଦେଲେ ଏବଂ ଥଣ୍ଡା ନ ହେବା ପାଇଁ ଔଷଧ ଦେଲେ। ଏଥିଯୋଗୁଁ ଗାଁ ଲୋକେ ଶରତ ଓ ଅକ୍ଷୟକୁ ବହୁତ ପ୍ରଶଂସା କଲେ।

**କ. ଅନୁଚ୍ଛେଦରେ କେଉଁ ଝଡ଼ କଥା କୁହାଯାଇଛି ?**

ଉ-.......................................................................

**ଖ. ଜଟିଆ ଋଷିଙ୍କ ଚାଳ ଉଡ଼ିଗଲା କାହିଁକି ?**

ଉ-.......................................................................

**ଗ. ଜଟିଆ ଋଷି ମନ ଉଣା କରି କାହିଁକି ବସିଥିଲେ ?**

ଉ-.......................................................................

**ଘ. କିଏ ଜଟିଆ ଋଷିଙ୍କ ଘର ଛପର କଲେ ?**

ଉ-.......................................................................

**ଙ. କିଏ ଶରତ ଓ ଅକ୍ଷୟକୁ ଔଷଧ ଦେଲେ ?**

ଉ-.......................................................................

# କାର୍ଯ୍ୟପତ୍ର - ୧୮

## ଆକଳନ - ୪

ଠିକ୍ ଉତ୍ତର ପାଖରେ (✓) ଚିହ୍ନ ଦିଅ ।

ପ୍ରଶ୍ନ ନଂ-୧. ବଣରେ ପଶୁମାନେ କାହାକୁ ମାମୁ ବୋଲି ଡାକନ୍ତି ?

(କ) ଭାଲୁ (ଖ) ହରିଣ (ଗ) ବାଘ (ଘ) ସିଂହ

ପ୍ରଶ୍ନ ନଂ-୨. ତଦାରଖ ଶବ୍ଦର ଅର୍ଥଟି କଣ ?

(କ) ଦେବା (ଖ) ଦେଖାଶୁଣା କରିବା(ଗ) ନେବା (ଘ) ଆଣିବା

ପ୍ରଶ୍ନ ନଂ-୩. କେଉଁ ଶବ୍ଦଟି ଠିକ୍ ଅଟେ ?

(କ) ମାଇସି (ଖ) ମାଉସୀ (ଗ) ମାଉଷୀ (ଘ) ମାଉଷି

ପ୍ରଶ୍ନ ନଂ-୪. ଆଶୀର୍ବାଦ ଶବ୍ଦଟିର ବିପରୀତ ଅର୍ଥବୋଧକ ଶବ୍ଦଟି କଣ ?

(କ) ପ୍ରଶଂସା (ଖ) ଅଭିଶାପ (ଗ) ଅନୁରାଗ (ଘ) ଅଭିଶପ୍ତ

ପ୍ରଶ୍ନ ନଂ-୫. 'ଫନି' ଝଡ଼ର 'ହାଓ୍ୱା'ରେ ଛଣଛପର ଘରର ଚାଳ ଉଡ଼ିଗଲା । ଏଠାରେ ହାଓ୍ୱା ଶବ୍ଦର ଅର୍ଥଟି କଣ ?

(କ) ପାଣି (ଖ) ପବନ (ଗ) ମାଟି (ଘ) ଗଛ

### ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବାଛ

ଗାଁ ନାଁ କନ୍ହେଇପୁର । ପୁରନ୍ଦର ସେହି ଗାଁର ବାସିନ୍ଦା । ନଦୀବନ୍ଧ କଡ଼ରେ ତାଙ୍କ ଘର । ସମ୍ପତ୍ତି ବୋଲି କିଛି ନାହିଁ । ପରିବା ବିକି ସେ କୁଟୁମ୍ବ ପୋଷନ୍ତି । ତାଙ୍କର ଏକମାତ୍ର ପୁଅ ରତ୍ନାକର । ସେ ସପ୍ତମ ଶ୍ରେଣୀରେ ପଢ଼େ । ବଡ଼ ହେଲେ ଡାକ୍ତରହେବ ବୋଲି ଆଶା ରଖିଛି ।

ପ୍ରଶ୍ନ ନଂ-୬. ପୁରନ୍ଦର କେଉଁ ଗ୍ରାମର ବାସିନ୍ଦା ଥିଲେ ?

(କ) ନଳଚନ୍ଦ୍ରପୁର (ଖ) କହ୍ନେଇପୁର (ଗ) ବିଳାସପୁର (ଘ) ବ୍ରହ୍ମପୁର

ପ୍ରଶ୍ନ ନଂ-୭. ପୁରନ୍ଦର କିପରି କୁଟୁମ୍ବ ପୋଷନ୍ତି ?

(କ) ଚାଷବାସକରି (ଖ) ପରିବା ବିକି (ଗ) ମାଛମାରି (ଘ) ମାଟି କା କରି

**ପ୍ରଶ୍ନ ନଂ-୮. ରତ୍ନାକର କେଉଁ ଶ୍ରେଣୀରେ ପଢ଼େ ?**

(କ) ପଞ୍ଚମ (ଖ) ଷଷ୍ଠ (ଗ) ସପ୍ତମ (ଘ) ଅଷ୍ଟମ

**ପ୍ରଶ୍ନ ନଂ-୯. ଏଥି ମଧ୍ୟରୁ କେଉଁଟି ଡାକ୍ତରଙ୍କର କାର୍ଯ୍ୟ ଅଟେ ?**

(କ) ଦେଶ ଜଗିବା (ଖ) ଦୋକାନ ଜଗିବା

(ଗ) ରୋଗୀ ସେବା କରିବା (ଘ) ପାଠ ପଢ଼ାଇବା

**ପ୍ରଶ୍ନ ନଂ-୧୦. ଚଗଲା ବଡ଼ହୋଇ ଜିଲ୍ଲାପାଳ ହେଲା । ଏହି ଉତ୍ତର ପାଇଁ କେଉଁଟି ଠିକ୍ ପ୍ରଶ୍ନ ଅଟେ ।**

(କ) ଚଗଲା କାହିଁକି ଜିଲ୍ଲାପାଳ ହେଲା ?

(ଖ) ଚଗଲା କିପରି ଜିଲ୍ଲାପାଳ ହେଲା ?

(ଗ) ବଡ଼ହୋଇ ଚଗଲା କଣ ହେଲା ?

(ଘ) ଚଗଲା କେଉଁଠାରେ ଜିଲ୍ଲାପାଳ ହେଲା ?

## କାର୍ଯ୍ୟପତ୍ର - ୧୯

**ଶିକ୍ଷଣ ଫଳାଫଳ :-**

ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜ ଭାଷା ତିଆରି କରିବ ଓ ଏହାକୁ ବ୍ୟବହାର କରିବ ।

**ଆସ, ବାକ୍ୟ ଗଢ଼ିବା**

ଝଡ଼-.................................................................................

ଛପର-...............................................................................

ଆଇ-.................................................................................

ଧନ୍ୟବାଦ-..........................................................................

ଔଷଧ-..............................................................................

ଊଣା-.................................................................................

ଥଣ୍ଡା-.................................................................................

ଖୁସି-.................................................................................

ପ୍ରଶଂସା-...........................................................................

ଭିଜିଭିଜି-.........................................................................

**(ଖ) 'ଭିଜିଭିଜି' ଭଳି ନିଜ ମନରୁ ୫ଟି ଯୋଡ଼ି ଶବ୍ଦ ଲେଖ ।**

.............................. .......................... ...........................

............................ .......................... ...........................

........................... ......................... ...........................

# କାର୍ଯ୍ୟପତ୍ର - ୨୦

**ଶିକ୍ଷଣ ଫଳାଫଳ :-**

ଗପ, କବିତା କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବେ ଓ ସେଥିରେ ନିଜଗପ କଥାକୁ ଯୋଡ଼ିବେ ।

**ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ଅନୁଚ୍ଛେଦଟିଏ ଲେଖ ।**

| | | | |
|---|---|---|---|
| ପଥର | ଚଢ଼େଇ | ଧନୁ | ମୁଣି |
| ବଣ | ବାଣୁଆ | ତୀର | |
| ଗଛ | ଖାଦ୍ୟ | ଖରାବେଳ | ଜାଲ |

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

**ଲେଖିଥିବା ଅନୁଚ୍ଛେଦଟିରୁ ପାଞ୍ଚଟି ପ୍ରଶ୍ନ ତିଆରି କର ।**

..........................................................................................

..........................................................................................

..........................................................................................

..........................................................................................

..........................................................................................

# କାର୍ଯ୍ୟପତ୍ର - ୧୪

**ଶିକ୍ଷଣ ଫଳାଫଳ :-**

**ଶୁଣିଥିବା କଥା କିମ୍ବା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।**

ଆଜି ସଂଧ୍ୟାରେ ବାଘ ମାମୁର ବାହାଘର। ସବୁ ପଶୁପକ୍ଷୀଙ୍କୁ ନିମନ୍ତ୍ରଣ ହୋଇଛି। ଘୋଷଣା ହୋଇଛି, ସେହିଦିନପାଇଁ କୌଣସି ଜୀବଜନ୍ତୁଙ୍କ ମଧ୍ୟରେ କିଛି ଶତ୍ରୁତା ରହିବ ନାହିଁ।

ମହାରାଜ ବାଘ ସ୍ୱୟଂ ଦରବାରରେ ବିଜେ ହୋଇଛନ୍ତି। ପାଖରେ ଭାଲୁ, ବିଲୁଆ, ହାତୀ, ପ୍ରଭୃତି ଉପସ୍ଥିତ। ଭାଲୁ ତାଙ୍କର ଭୋଜି ଆୟୋଜନ କଥା ଜଣାଇ କହିଲା, – "ମହାରାଜ ! ଭୋଜି- ପାଇଁ ମୁଁ ସହରୀ ବ୍ୟବସ୍ଥା କରିଛି। ପଲଉ, ମାଂସ, କ୍ଷୀରୀ, ଡାଲି, ଛେନା ତରକାରୀ, ଖଟା, ଭଜା, ମାଛ, ମିଠା ପ୍ରଭୃତିର ବ୍ୟବସ୍ଥା ହୋଇଛି"। ଭାଲୁର ଖାଦ୍ୟ ତାଲିକା ଶୁଣି ବିଲୁଆ ମୁହଁ ମୋଡ଼ି ଦେଲା କାହିଁକି ନାଁ, ତା' ମନକୁ ଏହା ପାଇଲା ନାହିଁ।

ଉପର ଲିଖିତ ଅନୁଚ୍ଛେଦଟିକୁ ପଢ଼ି କିଏ, କେଉଁଠାରେ କେତେବେଳେ, କିପରି, କ'ଣ, କାହାକୁ ଆଦି ଶବ୍ଦ ବ୍ୟବହାର କରି ପ୍ରଶ୍ନ ତିଆରି କର।

୧. ..........................................................................................

୨. ..........................................................................................

୩. ..........................................................................................

୪. ..........................................................................................

୫. ..........................................................................................

୬. ..........................................................................................

**ଶିକ୍ଷଣ ଫଳାଫଳ :-**

## କାର୍ଯ୍ୟପତ୍ର - ୧

ଶୁଣିଥିବା କଥା କିମ୍ବା ନିଜମନକଥାକୁ ନିଜ ଶୈଳୀରେ ଭିନ୍ନଭିନ୍ନ ଚିତ୍ର, ଶବ୍ଦ, ବାକ୍ୟ ଦ୍ୱାରା (ଲିଖିତ ରୂପରେ) ଅଭିବ୍ୟକ୍ତ କରିବ ।

(କ) ତଳ ଚିତ୍ର ବିଷୟରେ ପାଞ୍ଚଟି ବାକ୍ୟ ଲେଖ ।



୧. ..........................................................................................

୨. ..........................................................................................

୩. ..........................................................................................

୪. ..........................................................................................

୫. ..........................................................................................

### ଶିକ୍ଷକଙ୍କପାଇଁ ସୂଚନା

ଶିକ୍ଷକ ଶିକ୍ଷଣ କାର୍ଯ୍ୟପତ୍ର-୧ କୁ ଭଲଭାବରେ ନିଜେ ଦେଖିବେ ।
ଚିତ୍ରରେ କ'ଣ ସବୁରହିଛି ପିଲାଙ୍କ ସହିତ ଆଲୋଚନା କରିବେ । ଜଣଜଣ କରି ପିଲାଙ୍କୁ ଚିତ୍ର ସମ୍ପର୍କରେ ବାକ୍ୟ କୁହାଇବ । ଦରକାରୀ ଉପକରଣ ଭାବେ ବିଭିନ୍ନ ଚିତ୍ର ସଂଗ୍ରହ କରି ଚିତ୍ର ସମ୍ପର୍କରେ ଆଲୋଚନା କରିବା ସହିତ ଏଗୁଡ଼ିକର ବ୍ୟବହାର କରିବେ । ପିଲା ଚିତ୍ରପଠନ କରିବେ । ଚିତ୍ର ସମ୍ପର୍କରେ କହିବେ ଓ ବାକ୍ୟ ଲେଖିବେ ।

**ଶିକ୍ଷଣ ଫଳାଫଳ :-**

## କାର୍ଯ୍ୟପତ୍ର - ୧୫

**ନିଜ କଳ୍ପନାରୁ ଗଳ୍ପ, କବିତା, ଚିଠି ଆଦି ଲେଖିବ । କବିତା ଓ ଗପକୁ ଆଗକୁ ବଢ଼ାଇ ଲେଖିବ ।**

**ଆସ ଦରଖାସ୍ତଟିକୁ ପଢ଼ିବା -**

ମାନନୀୟ ପ୍ରଧାନ ଶିକ୍ଷକ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ରଘୁନାଥପୁର, କଟକ

**ବିଷୟ:- ଛୁଟି ମଞ୍ଜୁରପାଇଁ ଦରଖାସ୍ତ ।**

ମହାଶୟ,

ନିବେଦନର ଅଭିପ୍ରାୟ ଏହିକି, ମୋର ଶରୀର ଅସୁସ୍ଥ ଥିବାରୁ ମୁଁ ଗତ ତା: ୧୮.୦୭.୨୦୧୮ ରିଖଠାରୁ ତା: ୨୦.୦୭.୨୦୧୮ ରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅନୁପସ୍ଥିତ ଥିଲି ।

ଏଣୁ, ବିନୀତ ପ୍ରାର୍ଥନା କରେ କି ମୋର ଉକ୍ତ ତିନିଦିନ ଛୁଟି ମଞ୍ଜୁର କରାଗଲେ ମୁଁ ବିଶେଷ ଉପକୃତ ହେବି ।

ରଘୁନାଥପୁର,

ତା: ୨୧.୦୭.୨୦୧୮

**(ଇତି)**

**ଆପଣଙ୍କର ଆଜ୍ଞାଧୀନ,**

**ମାଧବାନନ୍ଦ**

ତୁମ ଗ୍ରାମରେ ଥିବା ରାସ୍ତାର ମରାମତିପାଇଁ ତୁମ ଅଞ୍ଚଳର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଗୋଟିଏ ଦରଖାସ୍ତ ଲେଖ ।

.................................................................................

.................................................................................

.................................................................................

.................................................................................

.................................................................................

.................................................................................

**ଶିକ୍ଷଣ ଫଳାଫଳ :-**

# କାର୍ଯ୍ୟପର୍ବ - ୧୬

**ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା, ଗପକୁ ଆଗକୁ ବଢ଼ାଇ ଲେଖିବ ।**

**ଆସ, ତଳ ଲିଖିତ ପତ୍ରଟିକୁ ପଢ଼ିବା ।**

ପ୍ରିୟ ସାଙ୍ଗ ସୋମୁନ୍,

ମୋର ସ୍ନେହ ନେବ। ମଉସା, ମାଉସୀଙ୍କୁ ମୋର ପ୍ରଣାମ। ତୁମ ସାନ ଭଉଣୀ ମିନୁକୁ ମୋର ଆଶୀର୍ବାଦ ଜଣାଇଦେବ। ଆଶା କରେ, ତୁମେ ସମସ୍ତେ କୁଶଳରେ ଥିବ। କାଲି ତୁମର ପତ୍ର ପାଇଲି। ତୁମେ ଆମ ବିଦ୍ୟାଳୟର ସରସ୍ୱତୀ ପୂଜା ସମ୍ପର୍କରେ ଜାଣିବାପାଇଁ ଚାହୁଁଛ ଜାଣି ଖୁସି ହେଲି।

ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଆମ ବିଦ୍ୟାଳୟରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ମହାଆଡ଼ମ୍ବରରେ ପାଳିତହୋଇଥିଲା। ପାଞ୍ଚ ଦିନ ଆଗରୁ ପୂଜାର ପ୍ରସ୍ତୁତି ନିମନ୍ତେ ଛାତ୍ରଛାତ୍ରୀମାନଙ୍କର ଏକ ସଭା ଡକାଯାଇଥିଲା। ସେହି ସଭାରେ ପୂଜାର କାର୍ଯ୍ୟସୂଚୀ ସହ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ମୋତେ ସାଜସଜ୍ଜା କାର୍ଯ୍ୟ ଦିଆଯାଇଥିଲା।

ପୂଜା ପୂର୍ବ ଦିନ ଆମେ ସାଙ୍ଗମାନେ ମିଶି ମୂର୍ତ୍ତି ଓ ପୂଜା ସାମଗ୍ରୀ କିଣି ଆଣିଲୁ। ବିଦ୍ୟାଳୟର ପ୍ରତ୍ୟେକ କୋଠରି ଧୁଆଧୋଇ କଲୁ। ପୂଜା ମଣ୍ଡପକୁ ତୋରଣ ଓ ଫୁଲମାଳରେ ସଜାଇଲୁ। ପୂଜା ଦିନ ସକାଳୁ ଉଠି ଫୁଲ ତୋଳି ଆଣିଲୁ। ଗାଧୋଇ ସାରି ନୂଆ ଜାମା ପିନ୍ଧି ବିଦ୍ୟାଳୟକୁ ଧୂପ, ଦୀପ, ଫୁଲ ଓ ଭୋଗ ନେଇଗଲୁ। ଠିକ୍ ସମୟରେ ବ୍ରାହ୍ମଣ ଆସି ପୂଜା ଆରମ୍ଭ କଲେ। ହୋମ ସରିବା ପରେ ସମସ୍ତ ପିଲା ପୁଷ୍ପାଞ୍ଜଳି ଦେଲୁ। ସାମୂହିକ ପ୍ରସାଦ ସେବନ କଲୁ।

ଅପରାହ୍ଣରେ ଆମ ବିଦ୍ୟାଳୟର ପିଲାମାନଙ୍କଦ୍ୱାରା ବିଭିନ୍ନ ପ୍ରକାରର ନୃତ୍ୟ, ଗୀତର ଆୟୋଜନ ହୋଇଥିଲା। ତତ୍‌ସହ ବିଦ୍ୟାଳୟର ବଡ଼ ଭାଇମାନେ ଗୀତିନାଟ୍ୟ "ଶ୍ରୀପଞ୍ଚମୀ" ପରିବେଷଣ କରିଥିଲେ। ଆମେମାନେ ଏହାକୁ ମନଭରି ଉପଭୋଗ କରିଥିଲୁ। ସର୍ବୋପରି ଏ ବର୍ଷ ଆମ ବିଦ୍ୟାଳୟରେ ସରସ୍ୱତୀ ପୂଜା ଧୂମ୍‌ଧାମ୍‌ରେ ପାଳନ କରାଯାଇଥିଲା। ଚିଠି ପାଇ ଚିଠି ଦେବ। ତୁମ ବିଦ୍ୟାଳୟରେ ସରସ୍ୱତୀ ପୂଜା କିପରି ପାଳନ କରିଥିଲ ଲେଖି ଜଣାଇବ।

(ଇତି)

ତୁମର ସାଙ୍ଗ ହିରନ୍

**ଠିକଣା**

| ପ୍ରେରକ, | ପ୍ରାପକ, |
|---|---|
| ନାମ- ହିରନ୍ ପଟ୍ଟନାୟକ<br>ଗ୍ରାମ- ଜଗମୋହନ ନଗର<br>ପ୍ଲଟ୍-୧୦୮, ପୋ.ଅ: ଭୁବନେଶ୍ୱର<br>ଜି.- ଖୋର୍ଦ୍ଧା (ଓଡ଼ିଶା)<br>ପିନ୍-୭୫୧୦୩୦ | ନାମ-ସୋମୁନ ପାଣିଗ୍ରାହୀ<br>ଗ୍ରାମ/ପୋ- ଉଲୁଣ୍ଡା<br>ଜିଲ୍ଲା- ସୁବର୍ଣ୍ଣପୁର, (ଓଡ଼ିଶା)<br>ପିନ୍-୭୬୭୦୬୨ |

**ଶିକ୍ଷଣ ଫଳାଫଳ :-**

## କାର୍ଯ୍ୟପତ୍ର - ୧୭

**ନିଜ କଳ୍ପନାରୁ ଗପ, କବିତା, ଚିଠି ଆଦି ଲେଖିବ । କବିତା, ଗପକୁ ଆଗକୁ ବଢ଼ାଇ ଲେଖିବ ।**

ତୁମ ବିଦ୍ୟାଳୟରେ ସ୍ୱାଧୀନତା ଦିବସ କିପରି ପାଳନ କଲ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

ସ୍ଥାନ:

ତାରିଖ:

ପ୍ରିୟ ସାଙ୍ଗ...................,

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

(ଇତି)

ତୁମର ସାଙ୍ଗ....................

ଠିକଣା

| ପ୍ରେରକ, | ପ୍ରାପକ, |
| --- | --- |
| | |

# କାର୍ଯ୍ୟଫର୍ଦ୍ଦ - ୩୧

**ଶିକ୍ଷଣ ଫଳାଫଳ :-**

ଭାଷାରେ ବ୍ୟାକରଣକୁ (ଯେପରି କାରକ, କର୍ତ୍ତା, କ୍ରିୟା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ ।

**୧. ନିମ୍ନଲିଖିତ ଶବ୍ଦଗୁଡିକର ଗଦ୍ୟରୂପ ଲେଖ**

ବରଷା : ................................

ଗ୍ରୀଷମ : ................................

ଗରବ : ................................

ମୂରୁଛନା : ................................

ମଉଜ : ................................

ସୂରୁଯ : ................................

୨. ଲିଙ୍ଗ ପରିବର୍ତ୍ତନ କରି ଲେଖ

ମାତା : ................................

ମହାରାଜା : ................................

ସମୁଦୁଣୀ : ................................

ମୂଲିଆ : ................................

ଠାକୁର : ................................

## କାର୍ଯ୍ୟଫର୍ଦ୍ଦ - ୩୨

**ଶିକ୍ଷଣ ଫଳାଫଳ :-**

ଭାଷାରେ ବ୍ୟାକରଣକୁ (ଯେପରି କାରକ, କର୍ତ୍ତା, କ୍ରିୟା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ ।

**୧. ଉଦାହରଣକୁ ଦେଖି ଶୂନ୍ୟସ୍ଥାନ ପୂରଣ କର**

**ଉଦାହରଣ : ମୁଁ ପୁରୀ ଗଲି । ଆମେ ପୁରୀ ଗଲୁ ।**

କ. ଲୋକଟି ବହି ପଢିଲା । ଲୋକମାନେ ..........................................

ଖ. ମୁଁ କବାଡ଼ି ଖେଳିଲି । ଆମ୍ଭେ କବାଡ଼ି ............................................

ଗ. ସେ ଭାତ ଖାଇଲା । ସେମାନେ ଭାତ ..........................................

ଘ. ଗାଈଟି ପଡ଼ିଆରେ ଚରୁଥିଲା । ଗାଈଗୁଡ଼ିକ ପଡ଼ିଆରେ............................

୨. ନିର୍ଭୁଲ ଶବ୍ଦକୁ ବାଛି ଲେଖ ।

କ. ନୀର୍ଜିବ, ନିର୍ଜିବ, ନିର୍ଜୀବ : ................................

ଖ. ବିଶେଷ, ବିଷେଶ, ବିସେଷ : ................................

ଗ. ଯାନକି, ଜାନକୀ, ଜାନକି : ................................

ଘ. ଭିକାରିଣୀ, ଭିକାରୁଣି, ଭିକାରୁଣୀ : ................................

**ଶିକ୍ଷଣ ଫଳାଫଳ :-**

# କାର୍ଯ୍ୟପତ୍ର - ୩୩

**ଭାଷାରେ ବ୍ୟାକରଣକୁ (ଯେପରି କାରକ, କର୍ତ୍ତା, କ୍ରିୟା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ ।**

**୧. ନିମ୍ନଲିଖିତ ପ୍ରତ୍ୟକ ଶବ୍ଦର ସମାନ ଅର୍ଥ ବୁଝାଉଥିବା ଆଉ ଦୁଇଟି ଶବ୍ଦ ଲେଖ ।**

ପକ୍ଷୀ : ...............................

ମାଆ : ...............................

ସୂର୍ଯ୍ୟ : ...............................

ଧରଣୀ : ...............................

ବଣ : ...............................

ନଈ : ...............................

ଫୁଲ : ...............................

୨. ଶବ୍ଦକୋଷ ବା ଅଭିଧାନ ଦେଖି ଶବ୍ଦର ଅର୍ଥ ଲେଖ ।

ସାଧନା : ...............................

ଆଲେଖ୍ୟ : ...............................

ଉନ୍ମତ୍ତ : ...............................

ବିହ୍ୱଳ : ...............................

ଦୁର୍ଲଭ : ...............................

ଉତ୍କଣ୍ଠା : ...............................

**ଶିକ୍ଷକଙ୍କପାଇଁ ସୂଚନା**

ଶିକ୍ଷକ କାର୍ଯ୍ୟପତ୍ର ୨୯ ଓ ୩୪ର ସୂଚନାକୁ ପଢ଼ିବେ । ସୂଚନା ଆଧାରରେ ପିଲାଙ୍କୁ ବିଭିନ୍ନ ବ୍ୟାକରଣ ସମ୍ପର୍କିତ ଆଲୋଚନା କରିବେ । ଦରକାରୀ ଉପକରଣଭାବେ ବ୍ୟାକରଣ ସମ୍ପର୍କିତ ବିଭିନ୍ନ ଅଭ୍ୟାସ କାର୍ଯ୍ୟ ସଂଗ୍ରହକରି ସେଗୁଡ଼ିକର ବ୍ୟବହାର କରିବେ ।

ପିଲାମାନେ କର୍ତ୍ତା, କ୍ରିୟା, ବିପରୀତ ଅର୍ଥବୋଧକ ଶବ୍ଦ, ସମାନଅର୍ଥ ବୋଧକ ଶବ୍ଦ ଓ ଅନ୍ୟାନ୍ୟ ବ୍ୟକରଣ ସମ୍ପର୍କିତ ପ୍ରଶ୍ନରଉତ୍ତର କହିବେ, ପଢ଼ିବେ ଓ ଲେଖିବେ ।

# କାର୍ଯ୍ୟଫର୍ଦ୍ଦ - ୩୪

## ଆକଳନ - ୬

ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନ ଦିଅ ।

**ପ୍ରଶ୍ନ ନଂ-୧. ଅଶୀଜଣ ଛାତ୍ରଗଢ଼ିଲେ ଶବ୍ଦ । ଏଠାରେ ଅଶୀର ଠିକ୍ ଅର୍ଥଟି କଣ ?**

(କ) ଖଣ୍ଡା (ଖ) ସଂଖ୍ୟା (ଗ) ଧନୁ (ଘ) ଛୁରୀ

**ପ୍ରଶ୍ନ ନଂ-୨. ଆମ ଜାତୀୟ ଫଳ କେଉଁଟି ?**

(କ) ପିଜୁଳି (ଖ) ନଡ଼ିଆ (ଗ) ଆମ୍ବ (ଘ) ସପୁରୀ

**ପ୍ରଶ୍ନ ନଂ-୩. ନାକ ଟେକିବାର ଅର୍ଥଟି କଣ ?**

(କ) ନାକ ଦେଖେଇବା (ଖ) ଭଲ ପାଇବା

(ଗ) ଘୃଣା କରିବା (ଘ) ଥଟ୍ଟା କରିବା

**ପ୍ରଶ୍ନ ନଂ-୪. ଜଳର ଗୋଟିଏ ସମାନ ଅର୍ଥ ହେଉଛି -**

(କ) ପୂର (ଖ) କ୍ଷୀର (ଗ) ନୀର (ଘ) ସର

**ପ୍ରଶ୍ନ ନଂ-୫. ବନାନ ଠିକ୍ ଥିବା ଶବ୍ଦଟିକୁ ଗୋଲ ବୁଲାଅ ।**

(କ) ସାହାଯ୍ୟ (ଖ) ସାହାର୍ଯ୍ୟ (ଗ)ସାହଯ୍ୟ (ଘ) ସାର୍ହାଯ୍ୟ

**ପ୍ରଶ୍ନ ନଂ-୬. ଗ୍ରୀଷମ ଶବ୍ଦର ଗଦ୍ୟ ରୂପଟି ନିମ୍ନଲିଖିତ ମଧ୍ୟରୁ କେଉଁଟି ଅଟେ ?**

(କ) ଗ୍ରୀଷ୍ମ (ଖ) ଗ୍ରୀଷ୍ଣ (ଗ) ଗ୍ରିସ୍ମ (ଘ) ଗ୍ରିଷ୍ମ

**ପ୍ରଶ୍ନ ନଂ-୭. ସମୁଦ୍ରୁଣୀ ଶବ୍ଦର ଲିଙ୍ଗ ପରିବର୍ତ୍ତନ କଲେ ନୂତନ ଶବ୍ଦଟି କଣ ହେବ ?**

(କ) ସମୁଦ୍ରୀ (ଖ) ସମୁଦ୍ରି (ଗ) ସମିଦ୍ରି (ଘ) ସମ୍ମୁଦ୍ରୀ

**ପ୍ରଶ୍ନ ନଂ-୮. ଶୂନ୍ୟ ସ୍ଥାନରେ କେଉଁ ଶବ୍ଦ ରହିବ ?**

ମୁଁ ବିଦ୍ୟାଳୟକୁ ଯାଉଯାଉ ...................... ।

(କ) ପଡ଼ିଲା (ଖ) ପଡ଼ିଗଲି (ଗ) ପଡ଼ିବ (ଘ) ପଡ଼ିଲ

**ପ୍ରଶ୍ନ ନଂ-୯. ଯେପରି ଝରଣା ହୁଏ ଝରଝର, ସେହିପରି ପତାକା ଉଡ଼େ ......... ?**

(କ) ସରସର (ଖ) ଫରଫର (ଗ) ଗରଗର (ଘ) ଥରଥର

**ପ୍ରଶ୍ନ ନଂ-୧୦. ନିମ୍ନ ବାକ୍ୟଗୁଡ଼ିକରୁ ଠିକ୍ ଉତ୍ତରଟି ବାଛି ତଳ ବାକ୍ୟାଂଶଟିକୁ ପୂରଣ କର ।**

ଲିଜା ପରୀକ୍ଷାରେ ପ୍ରଥମ ହେବାରୁ ...........................

କ. ଆଜି ମୁଁ ପଡ଼ିଗଲି ।

ଖ. ପ୍ରବଳ ବର୍ଷା ହେଉଛି ।

ଗ. ପରିବାର ଲୋକ ଆନନ୍ଦିତ ହେଲେ ।

ଘ. ଗାଈଟି ଚରିବାକୁ ଗଲା ।

## ଲକ୍ଷ୍ୟ ପ୍ରଶ୍ନାବଳୀ

୧. 'କ' ସ୍ତମ୍ଭର ଯେଉଁ ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା ଶବ୍ଦର ସମ୍ପର୍କ ଅଛି ତାକୁ ବାଛି ଏକାଠି କରି 'ଗ' ସ୍ତମ୍ଭରେ ନୂଆ ଶବ୍ଦଟି ଲେଖିବା

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | 'ଗ' ସ୍ତମ୍ଭ |
|---|---|---|
| ଟିକିଟିକି ଧୂଳି କଣିକା | ବନ | |
| ପାହାଡ଼ ପଡ଼ିଆ | ସିନ୍ଧୁ | |
| ତାରକା | ଧରା | |
| ଟୋପାଟୋପା ପାଣି | ଗଗନ | |
| ଗୋଟିଗୋଟି ଗଛ | ଧୂଳିରେ ଗଢା | |

୧. ତଳ ଅନୁଚ୍ଛେଦଟିରେ ଉପଯୁକ୍ତ ବିରାମ ଚିହ୍ନ ଦିଅ ।

ସ୍ତ୍ରୀ ଲୋକଙ୍କ ଚେହେରା ଯେମିତି ଛୁଆଙ୍କ ଚେହେରା ତାକୁ ବଳି ସମସ୍ତଙ୍କ ମୁଣ୍ଡ ନୁଖୁରା ହାଡୁଆ ଦେହକୁ ଠାକରା ମୁହଁ ଓଠ ଶୁଖିଲା ଆଖି ନିସ୍ତେଜ ଛୁଆଗୁଡ଼ିକ ଦେହ ଫୁଙ୍ଗୁଳା ପତଳା ଓ ଦୁର୍ବଳ ଚେହେରା ।

୩. ଚକ୍ରଟିକୁ ଦେଖି କିଏ କାହା ସହିତ ସମାଞ୍ଜସ୍ୟ ରଖୁଛି ତାହାତଳେ ଲେଖ ।

ଜାତୀୟ ପଶୁ............

ଜାତୀୟ ପକ୍ଷୀ...........

ଜାତୀୟ ଫଳ............

ଜାତୀୟ ଖେଳ...........




ଜାତୀୟ ଭାଷା............

ଜାତୀୟ ଫୁଲ.............

**୪. ତଳ ଶବ୍ଦର ଆଉ ଗୋଟିଏ ସମାନ ଅର୍ଥ ବୋଧକ ଶବ୍ଦ ଲେଖ।**

ଗଛ...................

ସୂର୍ଯ୍ୟ.................

ପୃଥିବୀ................

ଚନ୍ଦ୍ର.................

ଫୁଲ.................

ଜଳ...................

**୫. ଫଳମୂଳ, ବହିପତ୍ର ପରି କେତୋଟି ଯୋଡ଼ା ଶବ୍ଦ ଲେଖ।**

.............. .............. ...............

............. .............. ...............

............. .............. ...............

**୬. ଯେପରି ନାକ ଟେକିବାର ଅର୍ଥ ଘୃଣା କରିବା, ସେହିପରି ତଳ ବାକ୍ୟଗୁଡ଼ିକର ଅର୍ଥ ଲେଖ ।**

୧. ଯେସାକୁ ତେସା......................

୨. ଫମ୍ପା ମାଠିଆର ଶବଦ ବେଶୀ...................

୩. ତୁ ଯେତେ ମାଠିବୁ ମାଠ ମୁଁ ସେଇ ଦରପୋଡ଼ା କାଠ..............

୪. ହଂସା ଉଡ଼ିଯିବା.................................

**୭. ବାକ୍ୟ ଗଠନ କର, (ନିଜ ଖାତାରେ)**

ଚମତ୍କାର, ଉତ୍ସାହ, ବିଚିତ୍ର, ନୂତନ, ଶୂନ୍ୟ

**୮. ଉଦାହରଣ ଦେଖି ବାକ୍ୟଗୁଡ଼ିକୁ ପୂରା କରି ଲେଖ**

ମାଆ ମୋତେ ଗପ କହୁକହୁ ମୁଁ ଶୋଇ ପଡ଼ିଲି ।

୧. ବାପା ଘରେ ଗୋଡ଼ ଦେଉଦେଉ............................

୨. ମୁଁ ବିଦ୍ୟାଳୟକୁ ଯାଉଯାଉ....................................

୩. ରୀତା ଭାତ ଖାଉଖାଉ.......................................

୪. ମୁଁ କହୁକହୁ................................................

**୯. ଦତ୍ତ ବାକ୍ୟ ଗୁଡ଼ିକରୁ ନାମ ସୂଚାଉଥିବା ଶବ୍ଦଗୁଡ଼ିକୁ ବାଛି ଗୋଲ ବୁଲାଅ।**

୧. ଆମ ଜାତୀୟ ପଶୁ ବାଘ।

୨. ଗୀତା ଭଲ ପଢ଼େ।

୩. ରାମ କାଲି କଟକ ଯିବ।

୪. ଆମ ରାଜ୍ୟର ନାମ ଓଡ଼ିଶା।

୫. ଓକିଲାତି ଗୋଟିଏ ଜୀବିକାର ନାମ।

**୧୦. ତୁମେ ଦିନ ଭିତରେ କରିପାରୁଥିବା ୫ଟି କାମର ନାମ ଲେଖ।**

ଯେପରି.....ପ୍ରାର୍ଥନା କରେ......ସେହିପରି

..........................................................................................

**୧୧. ନିମ୍ନ ଲିଖିତ ଉତ୍ତର ପାଇବା ପାଇଁ ଆସ ପ୍ରଶ୍ନ ତିଆରି କରିବା।**

୧. ସୁରଭି କାର୍ଯ୍ୟକ୍ରମର ନୃତ୍ୟ ପ୍ରତିଯୋଗିତାରେ ଆମ ବିଦ୍ୟାଳୟ ପ୍ରଥମ ହେଲା।

୨. ତିତିଲି ବାତ୍ୟା ଯୋଗୁଁ ଗଜପତି ଓ ରାୟଗଡ଼ା ଜିଲ୍ଲାରେ ବହୁ କ୍ଷୟକ୍ଷତି ହୋଇଥିଲା।

୩. ମଧ୍ୟାହ୍ନ ଭୋଜନରେ ଆମେ ସପ୍ତାହରେ ଦୁଇଥର ଅଣ୍ଡା ପାଉ।

**୧୨. ବିପରୀତାର୍ଥବୋଧକ ଶବ୍ଦ ଲେଖ ।**

ନୂତନ ...............

ଯୋଗ୍ୟ ...............

କ୍ଲାନ୍ତ ..................

ପୁରସ୍କାର .............

**୧୩. ଯେପରି 'ମାଆଙ୍କର ଭାତରନ୍ଧା ଚାଲିଥାଏ ' କୁ ଅନ୍ୟ ଭାବରେ କୁହାଯାଏ ମା' ଭାତ ରାନ୍ଧୁଥା'ନ୍ତି, ସେହିଭଳି ତଳବାକ୍ୟ ଗୁଡ଼ିକୁ ଲେଖ ।**

ପିଲାଙ୍କର ହସ୍ତାକ୍ଷର ଲେଖାଚାଲିଥାଏ.....................................................

ବାପାଙ୍କର ଖିଆ ଚାଲିଥାଏ.........................................................

ଶ୍ରମିକ ମାନଙ୍କର ମାଟିଖୋଳା ଚାଲିଥାଏ................................................

**୧୪. ନିମ୍ନ ବାକ୍ୟଟିରୁ ବିଶେଷ୍ୟ ପଦଗୁଡ଼ିକୁ ବାଛି ତଳ ବାକ୍ସରେ ଲେଖ।**

ରାଜା ଗରିବ ଲୋକଟିକୁ ଦୁଇଟି ମୁଦ୍ରା ଦେଲେ ।

**୧୫. ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି। ସେଗୁଡ଼ିକର ଉଚ୍ଚାରଣ ସମାନ ହେଲେ ମଧ୍ୟ ଅର୍ଥ ଭିନ୍ନ। ଆସ ସେଗୁଡ଼ିକର ଭିନ୍ନଭିନ୍ନ ଅର୍ଥ ପାଖରେ ଥିବା କୋଠରିରେ ଲେଖିବା।**

| | | | | | | | |
|---|---|---|---|---|---|---|---|
| ମାଳୀ | | ସର | | କୂଳ | | ଚୁଡ଼ା | |
| ମାଳି | | ଶର | | କୁଳ | | ଚୂଡ଼ା | |

**୧୬. ଯେପରି 'ଆନନ୍ଦ' ରୁ 'ଆନନ୍ଦିତ' ହେଉଛି, ସେହିପରି ତଳ ଶବ୍ଦଗୁଡ଼ିକର ରୂପ କ'ଣ ହେବ ଲେଖ।**

ଉତ୍ସାହ................................ଘୋଷଣା............................

ପାଳନ...............................ସୂଚନା..............................

ଉପସ୍ଥାପନ...........................ଘୃଣା................................

**୧୭. ଲିଙ୍ଗ ପରିବର୍ତ୍ତନ କରି ଲେଖ:-**

ଯେପରି ପୁଅ........................ଝିଅ

ସେହିପରି ରାଜା.....................

ଶିକ୍ଷକ.......................

ବୁଢ଼ା........................

**୧୮. ତଳେ ଦୁଇଟି ବାକ୍ସରେ କେତେଗୁଡ଼ିଏ ଶବ୍ଦ ରଖାଯାଇଛି । ପରସ୍ପର ସମ୍ପର୍କ ଥିବା ଶବ୍ଦଗୁଡ଼ିକୁ ଏକାଠି ଯୋଡ଼ି ତଳେ ଲେଖିବା ।**

| ନୂତନ, ସ୍ୱର୍ଣ୍ଣ<br>ଶୂନ୍ୟ, ଭଲ<br>ରେଶମ, ବିଚିତ୍ର | ସୂତା, ଗୁଣ, ପରିଚ୍ଛଦ<br>ଶାସନ, ଜରି, ଭଣ୍ଡାର |
|---|---|

............................ ............................ ............................

............................ ............................ ............................

**୧୯. ପିଲାଟି ଖାଇଲା । ଏହାକୁ ଭବିଷ୍ୟତ କାଳରେ ଲେଖିଲେ "ପିଲାଟି ଖାଇବା" ହୁଏ ।**

ସେହିପରି ତଳ ବାକ୍ୟ ଗୁଡ଼ିକୁ ଆସ, ଭବିଷ୍ୟତ କାଳରେ ଲେଖିବା ।

୧. ଶିକ୍ଷୟିତ୍ରୀ ପାଠ ପଢ଼ାଇଲେ ।................................................

୨. ସରିତା ନୃତ୍ୟ ପରିବେଷଣ କରୁଛି ।...............................................

୩. ଛେଳିଟି ଘାସ ଖାଉଛି ।.....................................................

**୨୦. ଯେପରି ଭାସିବା ଶବ୍ଦରୁ ଭସାଇବା ହୋଇଥାଏ, ସେହିପରି ତଳ ଶବ୍ଦଗୁଡ଼ିକୁ ଲେଖ ।**

କହିବା–............................

ଚାଲିବା–............................

ଉଡ଼ିବା–............................

**୨୧. ତଳେ କେତେଗୁଡ଼ିଏ କଥା ଲେଖାଯାଇଛି, ସେଥିମଧ୍ୟରୁ 'ସକାଳ' ସମ୍ପର୍କରେ ଥିବା କଥାଗୁଡ଼ିକୁ ବାଛି ନିଜ ଖାତାରେ ଲେଖ ।**

ସୂର୍ଯ୍ୟ ଅସ୍ତ ହେଉଥା'ନ୍ତି।

ପୂର୍ବ ଆକାଶ ଲୋହିତ ଦେଖାଯାଏ।

ପିଲାମାନେ ବହିବସ୍ତାନି ଧରି ଘରକୁ ଫେରନ୍ତି।

ଗୋରୁପଲ ଘରକୁ ଫେରନ୍ତି।

ଋଷୀ ବିଲକୁ ଯାଏ।

ଧୀରେଧୀରେ ଆକାଶରେ ତାରା ଦେଖାଯାଏ।

ଲୋକମାନେ ନିଘୋଡ଼ ନିଦରେ ଶୋଇଥା'ନ୍ତି।

ଠାକୁରଙ୍କ ପାଖରେ ଦୀପ ଦିଆଯାଏ।

**୨୨. ଉପଯୁକ୍ତ ଅଂଶଟିକୁ ବାଛି ତଳ ବାକ୍ୟାଂଶଟିକୁ ପୂରଣ କର ।**

(କ) ସୀତା ପରୀକ୍ଷାରେ ପ୍ରଥମ ହେବାରୁ..............................................।

୧. ଘରଲୋକେ ଆନନ୍ଦିତ ହେଲେ

୨. ଆଜି ଅବିରତ ବର୍ଷା ହେଉଛି

**୨୩. ବନ୍ଧନୀ ଭିତରୁ ଶବ୍ଦବାଛି ଦିଆଯାଇଥିବା ଶବ୍ଦ ସହିତ ଯୋଡ଼ି ଲେଖ।**

**(ଭାଷା, ପ୍ରେମ, ବନ୍ଧୁ, ଆଲୋକ, ଆଦର)**

ଉଜ୍ଜ୍ୱଳ............. ଅନାବିଳ............ ଅନ୍ତରଙ୍ଗ............... କଥିତ............

**୨୪. ତଳେ ଲେଖାଯାଇଥିବା ଅନୁଚ୍ଛେଦରୁ କାମକୁ ବୁଝାଉଥିବା ଶବ୍ଦଗୁଡ଼ିକୁ ବାଛି ଲେଖିବା।**

ଯୁବକ ଜଣକ ରାସ୍ତାର ଆରପଟକୁ ଲକ୍ଷ୍ୟ କଲେ। ଦେଖିଲେ, ଜଣେ ବ୍ୟକ୍ତି ଥମ୍ପସନ୍‌ଙ୍କ ଡାକରେ ଅଟକି ଯାଇଛନ୍ତି। କୁକୁର ବେକରେ ବନ୍ଧା ହୋଇଥିବା ବେଲ୍ଟଟିକୁ ଧରିଛନ୍ତି। କୁକୁରଟି ତାଙ୍କ ଆଗରେ ଠିଆ ହୋଇଛି ଏବଂ ମାଲିକର ନିର୍ଦ୍ଦେଶପାଇଁ ଚାହିଁ ରହିଛି।

.........................................................................................

.........................................................................................

**୨୫. ଏକ  ପଦରେ ପ୍ରକାଶ କର ।**

ଯେ ପାଦରେ ଚାଲେ.................

ଯେ ସାହାଯ୍ୟ କରେ..................

ଯେ ନିର୍ଦ୍ଦେଶ ଦିଏ....................

ଯେ ତାଲିମ୍ ପାଇଛି...................

ଯେ ଭାରତର ଲୋକ.................

ଯାହାର ଚକ୍ଷୁ ନାହିଁ....................

**୨୬. ଯେପରି (କ) ଆମେ ଦୁଇବନ୍ଧୁ ରୁଟିଖାଉ ।**

(ଖ) ଆମେ ଦୁଇ  ବନ୍ଧୁ ବିସ୍କୁଟ ଖାଉ ।

(ଗ) ଆମେ ଦୁଇବନ୍ଧୁ ରୁଟି ଓ ବିସ୍କୁଟ ଖାଉ ।

**ସେଇପରି** (କ) ନନ୍ଦନକାନନରେ ଚିଡ଼ିଆଖାନା ଦେଖିବା ।

(ଖ) ନନ୍ଦନକାନନରେ ଉଦ୍ଭିଦଉଦ୍ୟାନ ଦେଖିବା ।

(ଗ) ........................................

**୨୭. 'ଦକ୍ଷ'ରୁ ଯେପରି 'ଦକ୍ଷତା', ସେହିପରି ତଳ ଶବ୍ଦଗୁଡ଼ିକୁ ଲେଖ ।**

ସରଳ...........................................

ଲୋକପ୍ରିୟ......................................

ସୁନ୍ଦର...........................................

**୨୮. ବନାନ ଠିକ୍ ଥିବା ଶବ୍ଦଟିକୁ ଗୋଲ ବୁଲାଅ ।**

| | | | |
|---|---|---|---|
| ସାହାଯ୍ୟ | ଅଧିବେସନ | ପ୍ରଶଂସା | ସିନ୍ଦୂର |
| ସାହାର୍ଯ୍ୟ | ଅଧିବେଶନ | ପ୍ରସଂଶା | ସିନ୍ଦୁର |

**୨୯. ଅକ୍ଷରଗୁଡ଼ିକୁ ସଜାଡ଼ି ଠିକ୍ ଶବ୍ଦ ଲେଖିବା -**

କାରିଠୁଆ, କ୍ଷିକାମ, କୋଳକି, ପିହମତା, ଭାତିପ୍ର

୩୦. ବାକ୍ସ ଭିତରେ କିଛି ଶବ୍ଦ ଦିଆଯାଇଛି । ସେଗୁଡ଼ିକୁ ବ୍ୟବହାର କରି ଅନୁଚ୍ଛେଦଟିଏ ଖାତାରେ ଲେଖ ।

| | |
|---|---|
| ବସ୍, ଯାତ୍ରୀ | ,.................................. |
| ଟିକେଟ୍, ମୁଁ | .................................. |
| କଟକ, ସକାଳେ | .................................. |
| ଭୁବନେଶ୍ୱର, ପୁରୀ | .................................. |

୩୧. ତଳ ଶବ୍ଦଗୁଡ଼ିକୁ ଗଦ୍ୟ ରୂପରେ ଲେଖ ।

ଯେପରି ସୂରୁଜ = ସୂର୍ଯ୍ୟ    ଗରବ = ............... କରମ = ..............

ଜନମ = ...............................    ମରମ = ................

୩୨. ପାଖ ଶବ୍ଦ ସହ ସମ୍ପର୍କ ଥିବା ଅକ୍ଷରଟି ବୃତ୍ତ ମଧ୍ୟରେ ଲେଖ ଓ ଅକ୍ଷରକୁ ଶବ୍ଦ ସହ ଯୋଡ଼ି ନୂତନ ଶବ୍ଦକୁ ଲେଖ ।




..........................................................................................

..........................................................................................

..........................................................................................

..........................................................................................

**୩୩. ପ୍ରକୃତିରୁ ଯେପରି ପ୍ରାକୃତିକ.................**

**ସେଇଭଳି** ସମାଜ.......................

ସମ୍ବାଦ.......................

ସମୁଦ୍ର........................

ବର୍ଷ..........................

**୩୪. 'ଅ' ଯୋଗ କରି ନୂତନ ଶବ୍ଦ ଲେଖ।**

ଜଣା................. ସୁବିଧା........................

ସାଧାରଣ............ ଭାବ..........................

**୩୫. ଶବ୍ଦଗୁଡ଼ିକୁ ସଜାଇ ବାକ୍ୟ ଲେଖିବା।**

କ. ନାନା ପ୍ରକାର ସେଠାରେ ପନିପରିବା ବାରମାସ କରାଯାଏ ଚାଷ

...............................................................

ଖ. ଦୁଇଟିକୁ ଅଜାଦେଖି ପିଲା ହୋଇଗଲେ ଖୁସି।

................................................................

ଗ. କାହିଁକି ହେଉଛନ୍ତି ଏ ଧୂଳିମାଟିରେ ଘାଣ୍ଟି ?

**୩୬. ଶୂନ୍ୟସ୍ଥାନ ପୂରଣ କର।**

| | | |
|---|---|---|
| କ୍ଷୁଦ୍ର | କ୍ଷୁଦ୍ରତର | କ୍ଷୁଦ୍ରତମ |
| ବୃହତ୍ | .......... | ......... |
| ଦୀର୍ଘ | .......... | ......... |
| ...... | ଉଚ୍ଚତର | .......... |

**୩୭. ଯେପରି ଝରଣା ଝରଝର.................**

ସେହିପରି ଓଦା.........................

ରାଗ........................

ଚାଲି.......................

ଶୀତ.........................

ପତାକା......................

**୩୮. ଯାହା ବୁଝିହୁଏ ନାହିଁ, 'ଅବୋଧ'**

ସେହିଭଳି ଯେଉଁଠାକୁ ଯାଇହୁଏ ନାହିଁ................................................

ଯାହା ଚିନ୍ତାକରି ହୁଏ ନାହିଁ..........................................

ଯାହକାଟି ହୁଏ ନାହିଁ................................................

ଯାହା ସହି ହୁଏ ନାହିଁ................................................

**୩୯. ତଳେ କିଛି ପର୍ବଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ବିଷୟରେ ସୂଚନା ଦିଆଗଲା । ଆସ ଗାର ଟାଣି ସେମାନଙ୍କୁ ମିଶାଇବା**

| | |
|---|---|
| ଇଦ୍- ଉଲ୍-ଫିତର | ଡିସେମ୍ବର ମାସ ୨୫ ତାରିଖ |
| ରକ୍ଷାବନ୍ଧନ | ଅଗଷ୍ଟ ୧୫ ତାରିଖ |
| ବଡ଼ଦିନ | ଭାଦ୍ରବ କୃଷ୍ଣଅଷ୍ଟମୀ |
| ଶ୍ରୀକୃଷ୍ଣଜନ୍ମ | ଶ୍ରାବଣପୂର୍ଣ୍ଣିମା |
| ସ୍ୱାଧୀନତାଦିବସ | ରମଜାନ ସରିବା ପରିଦିନ |
| | କାର୍ତ୍ତିକପୂର୍ଣ୍ଣିମା |

**୪୦. ରେଖାଙ୍କିତ ଶବ୍ଦ ପରିବର୍ତ୍ତେ ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ବାକ୍ୟରେ ବ୍ୟବହାର କରିଲେଖ ଯେପରି-**

ପୁଅଝିଅ ପାଠ ପଢ଼ିଲେ ଘର ଓ ଦେଶର ମଙ୍ଗଳ (ସେ, ସେମାନେ)

ସେମାନେ ପାଠ ପଢ଼ିଲେ ଘର ଓ ଦେଶର ମଙ୍ଗଳ।

ସେହିପରି ୧. ବିଜୟ ବାବୁଙ୍କ ବଗିଚାଟି ଖୁବ୍ ସୁନ୍ଦର ହୋଇଛି। (ତାଙ୍କର, ତୁମର)

୨. ମୋତେ ଓ ମୋ ସାଙ୍ଗକୁ ପୁରସ୍କାର ମିଳିଲା। (ଆମକୁ, ତୁମକୁ)

**୪୧. ସୋମା ଓ ରାଜୁ ଯଦି ଆସିବେ ମୁଁ ଯିବି।**

ଏହି ବାକ୍ୟରେ 'ଓ' , 'ଯଦି' ଶବ୍ଦ ଦୁଇଟି ଅବ୍ୟୟ ପଦ। ସେହିପରି ତଳ ବାକ୍ୟଗୁଡ଼ିକରେ ଥିବା ଅବ୍ୟୟ ପଦ ତଳେ ଗାର ଦେବା।

୧. ମୁଁ ତାକୁ ଡାକିଲି କିନ୍ତୁ ସେ ଆସିଲା ନାହିଁ।

୨. ବୃକ୍ଷ ଓ ଲତା ଆମର ବନ୍ଧୁ।

୩. ଅଳସୁଆ ହୋଇ ବସ ନାହିଁ ବରଂ କିଛି କାମ କର।

୪. ମୁଁ ତାକୁ ଏତେ ଅନୁରୋଧ କଲି ତଥାପି ସେ ମୋ କଥା ଶୁଣିଲା ନାହିଁ।

**୪୩. ତଳେ ଦିଆଯାଇଥିବା ଶବ୍ଦ ମାନଙ୍କରେ ଆବଶ୍ୟକ ସ୍ଥଳରେ 'ନିବାରଣ ଓ ସମ୍ବରଣ ଯୋଗ କରିବା।**

 କ୍ଷୁଧା.................. ଲୋଭ................. ତୃଷା......................

ଅଶ୍ରୁ.................. ଲଜ୍ଜା.................. କ୍ରୋଧ....................

**୪୪. ଘରକୁ ଘର ଏହାକୁ ମଧ୍ୟ ଘରଘର ବୋଲି ଲେଖାଯାଇ ପାରେ, ସେହିପରି ଏଗୁଡ଼ିକ କ'ଣ ହେବ ଆସ ଲେଖିବା ।**

ବର୍ଷକୁ ବର୍ଷ.................... ଦ୍ୱାରକୁ ଦ୍ୱାର............................

ମାସକୁ ମାସ.................. ଜଣକୁ ଜଣ............................

ଗାଁକୁ ଗାଁ...................... ଦେଶକୁ ଦେଶ..........................

**୪୫. ଦୁଇଟି ପାଦକୁ ଚରଣ ଯୁଗଳ କୁହାଯାଏ; ସେହିପରି ତଳ ଶବ୍ଦଗୁଡ଼ିକ କ'ଣ ହେବ ଆସ ଲେଖିବା ।**

ଦୁଇଟି ଚକ୍ଷୁ..............................

ଦୁଇଟି ହସ୍ତ..............................

ଦୁଇଟି ପକ୍ଷୀ..............................

**୪୬. 'ହାସ' ଶବ୍ଦ ପୂର୍ବରୁ 'ଦର' ଲାଗି 'ଦରହାସ' ଶବ୍ଦ ହୋଇଛି, ସେପରି ପୂର୍ବରୁ ଦର ଲାଗି ଆଉ କେତୋଟି ଶବ୍ଦ ଲେଖ ।**

..................... .................. .................... ...................

**୪୭. 'ମାଆ ପଣିଆ'କୁ ଗୋଟିଏ ଶବ୍ଦରେ 'ମାତୃତ୍ୱ' ବୋଲି କୁହାଯାଏ । ସେହିପରି ତଳ ଉକ୍ତି ଗୁଡ଼ିକ ଗୋଟିଏ ଶବ୍ଦରେ କ'ଣ ହେବ ଲେଖ ।**

(କ) ପିତା ପଣିଆ.....................　　(ଘ) ପୁରୁଷ ପଣିଆ............................

(ଖ) ଭାଇ ପଣିଆ.....................　　(ଙ) ମଣିଷ ପଣିଆ............................

(ଗ) ବନ୍ଧୁ ପଣିଆ.....................　　(ଚ) ମୁରବି ପଣିଆ............................

**୪୮. ଶବ୍ଦ ପୂର୍ବରୁ 'ଅ' ଲଗାଇ ତାହାର ବିପରୀତ ଅର୍ଥ ବୁଝାଉ ଥିବା ଶବ୍ଦଟିକୁ କୋଠରିରେ ଲେଖ ।**

ମଣିଷ- [ ]　ସାଧୁ- [ ]　ସ୍ଥିର- [ ]

ପଦାର୍ଥ- [ ]　ସହିଷ୍ଣୁ- [ ]

**୪୯. 'ଚକ୍‌ଚକ୍' ଶବ୍ଦ ଭଳି ଆଉ କେତୋଟି ଶବ୍ଦ ଲେଖିବା।**

........................................................................................................

**୫୦. ଯେପରି 'ବସିବା' କ୍ରିୟାପଦରୁ 'ବସାଇବା' ହୋଇଛି, ସେହିପରି ତଳ କ୍ରିୟାପଦଗୁଡ଼ିକ କ'ଣ ହେବ ଆସ ଲେଖିବା।**

ଦେଖିବା.......................   ପଢ଼ିବା.......................

ଖାଇବା........................   ଖେଳିବା......................

ଉଠିବା.........................   ପିଇବା........................

ଶୁଣିବା.........................   ନାଚିବା.......................

# Space for Writing

# Space for Writing

# Space for Writing